

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୭ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 NOVEMBER 2020

Vol.No. 30 ■ No. 290 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୫୪୩ ହେଲା

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୫୪୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୫ ଜଣ ଓ ବରଗଡ ଜିଲ୍ଲାର ୩ ଜଣ ଅଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ମୃତକଙ୍କ ମଧ୍ୟରେ ଖୋର୍ଧା, ଦେବଗଡ, ମୟୁରଭଂଜ, ନୟାଗଡ, ପୁରୀ ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ବରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାର ଜଣେ ୨୪ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ବରଗଡ ଜିଲ୍ଲାର ଜଣେ ୭୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣ ଜଣେ ୪୭ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ଦେବଗଡ ଜଣେ ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଝାରସୁଗୁଡା ଜିଲ୍ଲାର ଜଣେ ୫୬ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ଝାରସୁଗୁଡା ଜିଲ୍ଲାର ଜଣେ ୮୦ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଛି । ମୟୁରଭଂଜ ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ନୟାଗଡ ଜିଲ୍ଲାର ଜଣେ ୪୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୫୮ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୭୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୭୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ, ଜଣେ ୬୪ ବର୍ଷୀୟ ମହିଳା ତଥା ଅନ୍ୟ ଜଣେ ୫୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ଧାନ କିଣାରେ କୌଣସି ଅବ୍ୟବସ୍ଥା ହୋଇନାହିଁ: ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଦୁଇ ଦିନ ହେବ ରାଜ୍ୟରେ ଧାନ କିଣା ଆରମ୍ଭ ହୋଇଛି । ସୁ-ବ୍ୟବସ୍ଥିତ ଭାବେ ଧାନ କିଣା ଚାଲିଛି । ଧାନ କିଣାରେ କୌଣସି ଅବ୍ୟବସ୍ଥା ହୋଇନାହିଁ ।ଧାନ କିଣା ପ୍ରସଙ୍ଗରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି । ସେ କହିଛନ୍ତି ଯେ ଆଲଫାବେଟିକ ଅନୁସାରେ ଟୋକନ ଦିଆଯାଉଛି । ଯେଉଁମାନେ ଟୋକନ ପାଇଁ ପଞ୍ଜିକରଣ କରିଛନ୍ତି ସେହି ଚାଷୀମାନଙ୍କୁ ଟୋକନ ଦିଆଯାଇଛି । ଏ ପର୍ଯ୍ୟନ୍ତ ୪୬ ହଜାର ୬୦୦ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି । ବରଗଡ, ସମ୍ବଲପୁର, କଳାହାଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି । ଚଳିତ ବର୍ଷ ୭୧ଲକ୍ଷ ମେଟ୍ରକ୍ ଟନ୍ ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ ରିହିଛି । ଯଦି ଏହାଠୁ ଅଧିକ ଧାନ ଚାଷୀଙ୍କ ପାଖରେ ରୁହେ ତାହା ମଧ୍ୟ କିଣାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

ହିମାଚଳର ମଣ୍ଡିରେ ସଡକ ଦୁର୍ଘଟଣା
ବିହାରର ସାତ ଜଣ ଶ୍ରମିକଙ୍କ ମୃତ୍ୟୁ

ମଣ୍ଡି,୧୬।୧୧ (ନି.ପ୍ର): ହିମାଚଳ ପ୍ରଦେଶର ଚଣ୍ଡିଗଡ – ମନାଲୀ ରାଷ୍ଟ୍ରୀୟ ରାଜପଥର ମଣ୍ଡି ନିକଟରେ ପୁଲ ଘରାଟ ପାଖରେ ଏକ ପିକ ଅପ ଭ୍ୟାନ ଅନିୟନ୍ତ୍ରିତ ହୋଇ ନଦୀରେ ପଡି ଯାଇଥିବାରୁ ସାତ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ସୋମବାର ଭୋର ତିନିଟାରେ ଘଟିଛି । ଏଥିରେ ବାହନ ଚାଳକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତି କରା ଯାଇଛି । ମୃତକ ମାନେ ବିହାରର ଶ୍ରମିକ ହୋଇଥିବା ଜଣା ପଡିଛି । ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସଦର ଥାନା ଏସଏଚଓ ବିନୋଦ କୁମାର ଠାକୁର ତାଙ୍କର ଟିମଙ୍କ ସହ ଦୁର୍ଘଟଣାସ୍ଥଳରେ ପହଂଚି ନଦୀରେ ପଡିଥିବା ଶବକୁ ଉଦ୍ଧାର କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ: ହିମାଚଳ ପ୍ରଦେଶର ମଣ୍ଡି ନିକଟରେ ହୋଇଥିବା ଦୁର୍ଘଟଣା ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ହିମାଚଳର ମଣ୍ଡି ଦୁର୍ଘଟଣାର ଖବରରେ ଖୁବ ଦୁଃଖିତ । ସରକାର ଉଦ୍ଧାର ଓ ସହାୟତା କାମ ଜାରୀ ରଖିଛନ୍ତି । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକ ମାନଙ୍କ ପରିବାରଲୋକଙ୍କ ପ୍ରତି ଗଭୀର ସମବେଦନା ପ୍ରକଟ କରିବା ସହ ଆହତଙ୍କ ଶୀଘ୍ର ସ୍ୱାସ୍ଥ୍ୟ ଲାଭର କାମନା କରୁଛି ।

ବିଧାନସଭା ପିଟିସନ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଆଜି ବିଧାନସଭାର ପିଟିସନ୍ କମିଟି ବୈଠକ ବିଧାନସଭା ସଚିବାଳୟର କମିଟି ପ୍ରକୋଷ୍ଠ ସଂଖ୍ୟା ୫୪ରେ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧକ୍ଷ ବଦ୍ରିନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକ ରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରଶା; କୁମାର ବେହେରା, ଦାଶର ଥୀ ଗମାଙ୍ଗୋ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗ ଅତିରିକ୍ତ ସଚିବ ଧନଞ୍ଜୟ ସ୍ୱାଇଁ, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ ବୈଠକରେ ଶକ୍ତି ବିଭାଗ ସଂପର୍କିତ ବକେୟା ଥିବା ଆବେଦନ ପତ୍ର ଉପରେ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଆଲୋଚନା ହୋଇଥିଲା ।

କରୋନା ପାଇଁ ଛଟ୍ ପୂଜା ଉପରେ କଟକଣା: ନଦୀ ଘାଟରେ ପୂଜା ଓ ସ୍ନାନକୁ ବାରଣ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଦୀପାବଳୀରେ ବାଣ ଫୁଟା ଉପରେ କଟକଣା ପରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଛଟ ପୂଜା ଉପରେ ମଧ୍ୟ କଟକଣା ଲଗାଇଛନ୍ତି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଜାରି ଏହି କଟକଣା ଅନୁଯାୟୀ ଆସନ୍ତା ୨୦ ଓ ୨୧ତାରିଖରେ ନଦୀ ଘାଟରେ ଛଟପୂଜା ଓ ସାମୁହିକ ସ୍ନାନ ଉପରେ କଟକଣା ଲଗାଯାଇଛି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଏ ସମ୍ପର୍କରେ ଆଦେଶ ଜାରୀ କରା ଯାଇଛି । ଏହି ଆଦେଶ ଅନୁସାରେ ଛଟ ପୂଜା ବେଳେ ବହୁସଂଖ୍ୟାରେ ଲୋକମାନେ ନଦୀ କୂଳ ଓ ଘାଟଗୁଡ଼ିକରେ ଏକତ୍ରିତ ହୋଇ ପୂଜା କଲେ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଆସନ୍ତା ଆସନ୍ତା ୨୦ ଓ ୨୧ତାରିଖରେ ନଦୀ ଘାଟରେ ଛଟପୂଜା ଓ ସାମୁହିକ ସ୍ନାନ ଉପରେ କଟକଣା ଲଗାଯାଇଛି ବୋଲି ଏଥିରେ ଉଲ୍ଲେଖ ରହିଛି । ଆଦେଶରେ କୁହା ଯାଇଛି ଯେ ଲୋକମାନେ ନଦୀକୁ ଆସିବା ବଦଳରେ ଘରେ ରହି ଉପଯୁକ୍ତ କରୋନା ସତର୍କତା ସହ ଛଟ ପୂଜା ପାଳନ କରିବାକୁ ରାଜ୍ୟ ସରକାର ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ନିର୍ଦ୍ଦେଶର ଉଲ୍ଲଙ୍ଘନ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ।

ପଡୋଶୀ ଛତିଶଗଡ଼ରୁ ଧାନ ଆଣି ମଣ୍ଡିରେ ଯେପରି ବିକ୍ରି ନହୁଏ ସେଥି ନିମନ୍ତେ ଯାଂଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଜିଲ୍ଲାପାଳମାନଙ୍କୁ ପତ୍ର

ଭୁବନେଶ୍ୱର ,୧୬।୧୧ (ନି.ପ୍ର): ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହଠାରୁ ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପଡ଼ଶୀ ଛତିଶଗଡ଼ ରାଜ୍ୟରୁ ଧାନ ଆଣି ଜିଲ୍ଲାର ଧାନସଂଗ୍ରହ କେନ୍ଦ୍ରରେ ବିକ୍ରି ନ କରନ୍ତି, ସେଥି ନିମନ୍ତେ ଯା ଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମ ସମୟରେ ଧାନ ବେପାରୀମାନେ ସୀମାବର୍ତ୍ତୀ ଛତିଶଗଡ଼ରୁ ଧାନ କିଣି ଜିଲ୍ଲାର ଧାନସଂଗ୍ରହ କେନ୍ଦ୍ରରେ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବାର ସମ୍ଭାବନା ଥିବାରୁ ଖାଦ୍ୟଯୋଗାଣ ଓ ►►ପୃଷ୍ଠା ୭

ଫାଇନାଲ୍ ସେମିଷ୍ଟାର ପରୀକ୍ଷା କରାଇବା ଦାବି କଲେ ବିପିୟୁଟି ଛାତ୍ର
ବୈଷୟିକ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରିଲେ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଫାଇନାଲ ସେମିଷ୍ଟାର ପରୀକ୍ଷା କରାଇବାକୁ ଦାବି କରିଛନ୍ତି ବିପିୟୁଟି ଛାତ୍ର । ଏହି ଦାବିକୁ ନେଇ ସେମାନେ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ବାସଭବନ ଘେରାଉ କରିଛନ୍ତି । ଅନ୍ୟ ପକ୍ଷରେ । ଛାତ୍ରମାନଙ୍କ ସହ ଆଲୋଚନା କରି ସପ୍ତାହେ ଭିତରେ ପରୀକ୍ଷା ଓ କାଉନସେଲିଂ ତାରିଖ ନେଇ ନିଷ୍ପତି ନିଆଯିବ ବୋଲି ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି । ଘେରାଉ କରିଥିବା ଛାତ୍ରମାନଙ୍କର କହିବା ଅନୁସାରେ ଅଗଷ୍ଟରେ ହୋଇଥିବା ଅନଲାଇନ ପରୀକ୍ଷାରୁ ବହୁ ଛାତ୍ରଛାତ୍ରୀ ବଂଚିତ ହୋଇଥିଲେ । ସେତେବେଳେ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ବିକଳ୍ପ ବ୍ୟବସ୍ଥା ଭାବେ ଅଫଲାଇନ ପରୀକ୍ଷା କରାଯିବ । ମାତ୍ର ଏ ଯାଏଁ ପରୀକ୍ଷା ହୋଇ ନ ଥିବାରୁ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଗି ଓଜେଇଇରେ ଆବେଦନ କରି ଭଲ ରାଙ୍କ ପାଇଥିଲେ ମଧ୍ୟ ଶେଷ ସେମିଷ୍ଟର ପରୀକ୍ଷା ହୋଇ ନ ଥିବାରୁ ଆଡମିସନ୍ କରି ପାରୁନାହାନ୍ତି ବୋଲି ସେମାନେ କହିଛନ୍ତି । ଏଥିସହ ଛାତ୍ର ମାନେ ଓଜେଇଇର କାଉନସେଲିଂ ତାରିଖକୁ ଘୁଂଚାଇବାକୁ ଦାବି କରିଛନ୍ତି । ଛାତ୍ରଛାତ୍ରୀ ଯେପରି ଉଚ୍ଚଶିକ୍ଷା କି ଚାକିରି ସୁବିଧା ପାଇବାରୁ ବାଦ ନପଡନ୍ତି ସେଥିପାଇଁ ଚେଷ୍ଟା କରାଯାଉଥିବା ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ।

ବଳଙ୍ଗ ନଦୀରେ ଭାସିଗଲେ ୩ ଯୁବକ: ୨ ନିଖୋଜ, ଜଣେ ମୃତ

ବାଲେଶ୍ୱର,୧୬।୧୧ (ନି.ପ୍ର): ନୀଳଗିରି ଅଂଚଳର ୫ ଜଣ ଯୁବକ ରେମୁଣା ବ୍ଲକର କାଠସଙ୍ଗଡା ଗ୍ରାମର ବୁଢାବଳଙ୍ଗ ଘାଟରେ ଗାଧୋଉଥିବା ବେଳେ ୩ ଜଣ ଯୁବକ ଭାସିଯାଇଥିଲେ । ସେଥିମଧ୍ୟରୁ ଜଣେ ମୃତ ହୋଇଥିବା ବେଳେ ୨ ଜଣ ନିଖୋଜ ଅଛନ୍ତି । ଅଳ୍ପକେ ୨ ଜଣ ବଂଚିଯାଇଥିବା ଜଣାପଡିଛି । ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି । ଏହି ଖବର ପ୍ରଚାରିତ ହେବା କ୍ଷଣି ନୀଳଗିରି ଅଂଚଳରେ ଶୋକରଛାୟା ଖେଳିଯାଇଛି । ନିଖୋଜ ଦୁଇ ପରିବାରରେ କାନ୍ଦବୋବାଳି ପଡିଛି । ସୂଚନା ଅନୁଯାୟୀ ନୀଳଗିରି ଅଂଚଳର ୫ ଜଣ ଯୁବକ ଆଜି ମଧ୍ୟାହ୍ନରେ ବୁଢାବଳଙ୍ଗ ନଦୀକୁ ଗାଧୋବାକୁ ଯାଇଥିଲେ । ୩ ଜଣ ସାଙ୍ଗ ଗାଧୋଇବାକୁ ଯାଇଥିବାବେଳେ ୨ ଜଣ ପଠା ଉପରେ ବସିଥିଲେ । ନଦୀର ପ୍ରଖର ସ୍ରୋତରେ ତିନି ଜଣ ଭାସିଯାଇ ପାଣିରେ ବୁଡିଯାଇଥିଲେ । ଉପରେ ବସିଥିବା ୨ ଜଣ ସାଙ୍ଗଙ୍କ ଚିତ୍କାର ଶୁଣି ସ୍ଥାନିୟ ଲୋକେ ବହୁ ଖୋଜା ଖୋଜି କଲା ପରେ ନୀଳଗିରି ଏନଏସି ଅଧିନସ୍ଥ ୧ ନଂ ୱାର୍ଡ କଦମ୍ବସାହି ଅଧିନସ୍ଥ ସଚିନ୍ଦ୍ର ପତିଙ୍କ ପୁତ୍ର ଅଙ୍କିତ (୨୨)ଙ୍କର ମୃତ ଦେହ ଉଦ୍ଧାର କରିଥିଲେ । ୪ନଂ ୱାର୍ଡ ମିରିଗିଣି ଗ୍ରାମର ମୁକ୍ତିକାନ୍ତ ମିଶ୍ରଙ୍କ ପୁତ୍ର କାହ୍ନୁ ଓରଫ ମୃତ୍ୟୁଞ୍ଜୟ(୨୧) ଓ ୧ ନଂ ୱାର୍ଡ କଦମ୍ବସାହି ଗ୍ରାମର ବିଜୁନାୟକଙ୍କ ପୁତ୍ର ପିୟୁଷପ୍ରିୟଦର୍ଶନ(୨୦) ନିଖୋଜ ଅଛନ୍ତି । ଏହି ଖବର ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ରେମୁଣା ତହସିଲଦାର ରେମୁଣା ପୋଲିସ , ଓଡ୍ରାଫ୍ ଟିମ ଏବଂ ଦମକଳବାହିନୀ ପହଂଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ଜଣାପଡିଛି । ଅଳ୍ପକେ ବଂଚିଯାଇଥିବା ଦକ୍ଷିଣନରସିଂହପୁର ଗ୍ରାମର କାଳିଆସଲଙ୍କ ପୁତ୍ର ରଂଜନ ଓ ବାହାନଗା ବ୍ଲକ ଗୋପାଳପୁର ଅଂଚଳର ଯୁବକ ଜ୍ୟୋର୍ତିମୟୀ ଦାସ ବଂଚିଯାଇଥିବା ଜଣାପଡିଛି । ସୋମବାର ଦିନ ୫ଜଣ ସାଙ୍ଗ ଚାନ୍ଦିପୁର ବୁଲିବାକୁ କହି ଘରୁ ଯାଇଥିବା ବେଳେ ୫ଜଣ ସାଙ୍ଗ ଚାନ୍ଦିପୁର ନୟାଇ ବୁଢ଼ାବଳଙ୍ଗ ନଦୀର କାଠସଙ୍ଗଡ଼ା ନିକଟରେ ଗାଧୋଉ ଥିବା ବେଳେ ଏପରି ଅଘଟଣ ଘଟିଛି ।

୨୪ ଘଂଟାରେ ସୁସ୍ଥ ହେଲେ ରାଜ୍ୟର ଆଉ ୧୨୯୭ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଗତ ୨୪ ଘଂଟାରେ ରାଜ୍ୟରେ ଆଜି ଆଉ ୧୨୯୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଆଜି ସୁସ୍ଥ ମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥ ସଂଖ୍ୟା ୨ ଲକ୍ଷ ୯୯ ହଜାର ୧୫୯ ହୋଇଛି । ବିଭାଗ ପକ୍ଷରୁ ଜାରି ତଥ୍ୟ ଅନୁସାରେ ଖୋର୍ଦ୍ଧାରୁ ୧୪୨ ଜଣ ସୁସ୍ଥ ହୋଇଥିବାବେଳେ ମୟୁରଭଞ୍ଜରୁ ୧୩୩ କଟକରୁ ୧୧୧, ବାଲେଶ୍ୱରରୁ ୧୦୦ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଅନୁଗୁଳରୁ ୭୬ ଜଣ, ସୁନ୍ଦରଗଡ଼ରୁ ୭୪ଜଣ, ଜଗତସିଂହପୁରରୁ ୬୭, କେନ୍ଦ୍ରାପଡ଼ାରୁ ୬୨ ପୁରୀରୁ ୫୨,ବଲାଙ୍ଗୀରରୁ ୪୩, ବରଗଡ଼ରୁ ୪୦, କଳାହାଣ୍ଡିରୁ ୩୭, ସମ୍ବଲପୁରରୁ ୩୬, କେନ୍ଦୁଝରରୁ ୩୪ ,ଭଦ୍ରକ ଓ ନୂଆପଡ଼ାରୁ ୩୨ ଲେଖାଏଁ,ଯାଜପୁର ଓ ନବରଙ୍ଗପୁରରୁ ୩୦ ଲେଖାଏଁ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଢେଙ୍କାନାଳରୁ ୨୦, କନ୍ଧମାଳ ଓ କୋରାପୁଟରୁ ୧୮ ଲେଖାଏଁ, ନୟାଗଡ଼ରୁ ୧୫, ଗଞ୍ଜାମରୁ ୧୪, ଝାରସୁଗୁଡ଼ାରୁ ୧୪, ମାଲକାନଗିରିରୁ ୧୦,ବୌଦ୍ଧ ଓ ଗଜପତିରୁ ୧୦ ଲେଖାଏଁ,ସୋନପୁରରୁ ୫, ଦେବଗଡ଼ ଓ ରାୟଗଡ଼ାରୁ ୪ ଲେଖାଏଁ ଓ ରାଜ୍ୟ ପୁଲରୁ ୩୦ ଜଣ ସୁସ୍ଥ ହୋଇଛନ୍ତି ।

ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୫ର ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଓଡ଼ିଶା ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି-୫ ବୈଠକ ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଓଡ଼ିଶା ସଚିବାଳୟସ୍ଥ ୫୫ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧକ୍ଷ ଅଶ୍ୱିନୀ କୁମାର ପାତ୍ର, ବିଧାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କମିଟି ତରଫରୁ ଭବିଷ୍ୟତରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ।

ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣାପଡ଼ିଯିବ- ଥାନା ଆଇଆଇସି

ବାରିପଦା,୧୬।୧୧ (ନି.ପ୍ର): ବାରିପଦା ସଦର ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ମଦନ ସିଂ(୩୦) ନଭେମ୍ବର ୧୪ ବିଳମ୍ବିତ ରାତିରେ ଏକ ଲୁଙ୍ଗି ଦ୍ୱାରା ଆତ୍ମହତ୍ୟା କରିଥିବାର ସୂଚନା ମିଳିଛି । ଏକ ଟ୍ରାକ୍ଟରର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ମଦନଙ୍କ ସହ ତାଙ୍କ ସ୍ତ୍ରୀର କୌଣସି କାରଣରୁ ମନମାଳିନ ହେବା ପରେ ସ୍ତ୍ରୀ ବାପ ଘରେ ରହୁଥିବା ବେଳେ ମଦନ ନିଜ ଘରେ ଏକୁଟିଆ ମାନସିକ ଚାପ ମଧ୍ୟରେ ରହିଆସୁଥିଲା । ଏହି ସମୟରେ ଗତକାଲି କାଳିପୂଜା ଅବସରରେ ସାଙ୍ଗମାନଙ୍କ ସହ ମଉଜ ମଜଲିସ କରି ବିଳମ୍ବିତ ରାତିରେ ଘରକୁ ଫେରି ଆସି ଶୋଇବାକୁ ଯାଇଥିଲା । ଆଜି ସକାଳ ସମୟରେ ଝୁଲନ୍ତା ଅବସ୍ଥାରେ ତାକୁ ପରିବାର ଲୋକମାନେ ଦେଖିବାକୁ ପାଇ ବାରିପଦା ସଦର ଥାନାକୁ ଖବର ଦେଇଥିଲେ । ଖବର ପାଇ ଥାନା ପୁଲିସ ଲକ୍ଷ୍ମୀପୁର ଗ୍ରାମରେ ପହଁଚି ମଦନର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲକୁ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏହା ଆତ୍ମହତ୍ୟା ନା ହତ୍ୟା ଏହାକୁ ନେଇ ପ୍ରଶ୍ନ ଉଠିଛି । ଶବର ପାରିପାର୍ଶ୍ୱକ ଅବସ୍ଥା ଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଉଛି । ଫାଶି କେଶରେ ମୃତ ବ୍ୟକ୍ତି ନିକଟରେ ହାତ ମୁଠା ହେବା, ପାଦ ତଳକୁ ହେବା, ମଳମୂତ୍ର ତ୍ୟାଗ କରିବା, ଦଉଡ଼ି ଅଥବା ଲୁଗାର ଗଣ୍ଠି କାନ ନିକଟକୁ ଆସିବା, ବେକରେ କଳା ଦାଗ ପଡ଼ିବା ଆଦି କେତେକ ଲକ୍ଷଣ ଦେଖିବାକୁ ମିଳୁଥିବା ସମୟରେ ମଦନର ହାତ ଖୋଲା ରହିଥିବା ବେଳେ ପାଦ ସିଧା ରହିଥିବାର ଦେଖିବାକୁ ମିଳିଛି । ଯାହାଫଳରେ ମଦନ ଆତ୍ମହତ୍ୟା କରିଛି ନା ତାଙ୍କୁ ହତ୍ୟା କରାଯାଇଛି ଏହାକୁ ନେଇ ଉଠିଛି ପ୍ରଶ୍ନ । ଏ ବିଷୟରେ ବାରିପଦା ସଦର ଥାନା ଆଇଆଇସି ପ୍ରେମଦା ନାୟକ ପୁଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ କଣ ତାହା ଜଣାପଡ଼ି ଯିବ ବୋଲି ସୂଚନା ଦେଇଥିଲେ ।

ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସମନ୍ୱୟ କମିଟି ବୈଠକ : ୭୮ ହଜାର ମଶାରୀ ବଣ୍ଟନ ପାଇଁ ଲକ୍ଷ୍ୟ ରହିଛି

ଭୁବନ,୧୬।୧୧ (ନି.ପ୍ର): ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବ୍ଲକସ୍ତରୀୟ ସମନ୍ୱୟ କମିଟି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ବିକାଶ କୁମାର ମହାନ୍ତି ବୈଠକରେ ଅଧ୍ୟକ୍ଷତା କରି ସୂଚନା ଦେଇଥିଲେ ଯେ,ବ୍ଲକ ପାଇଁ ୬୮ ହଜାର ଏବଂ ଏନଏସି ପାଇଁ ୮୯ ହଜାର ୫ଶହ ମଶାରୀ ଆସିଅଛି । ଏହାକୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ଗ୍ରାମ କଲ୍ୟାଣ କମିଟି, ଅଙ୍ଗନୱାଡି, ଆଶା କର୍ମୀ, ଗ୍ରାମ ରୋଜଗାର ସେବକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଙ୍କ ମାଧ୍ୟମରେ ଏହା ବଣ୍ଟନ କରାଯିବ । ମଶାରୀ ବଣ୍ଟନ ସମୟରେ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସକୁ ନିବେଦନ କରାଯାଇଛି । ସଠିକ ଭାବେ ମଶାରୀ ବଣ୍ଟନ କରାଯିବା ସହିତ ଉପଯୁକ୍ତ ଭାବେ ବ୍ୟବହାର କରାଗଲେ ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ବିଡିଓ ଶ୍ରୀଯୁକ୍ତ ମହାନ୍ତି ସୂଚନା ଦେଇଥିଲେ । ଏହି ବୈଠକରେ ଭେକ୍ଟର ବାହିତ ରୋଗ ବୈଷୟିକ ପରିଦର୍ଶକ ଅମିତ କୁମାର ସାମଲଙ୍କ ସମେତ ସିଡିପିଓ, ଜିପିଇଓ, ଏସଡିଏମଓ ରତ୍ନାକର ସାମଲ, ମେଡିକାଲ ଅଫିସର ଡ.ପ୍ରମିଳା ପ୍ରଧାନ, ପିଏଚଇଓ ନନ୍ଦକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଉଚ୍ଚସ୍ତରୀୟ ବୈଷୟିକ କମିଟିର ବାଲେଶ୍ୱର ଓ ମୟୂରଭଞ୍ଜର ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ ସ୍ଥାନ ପରିଦର୍ଶନ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଆଜି ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଜ୍ୟୋତିର୍ମୟ ରଥଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା ବ୍ଲକ ଅଧିନସ୍ଥ ଦରକୁଲି ଗ୍ରାମ ନିକଟରେ ପ୍ରସ୍ତାବିତ ବାଙ୍କତୀରା ବ୍ୟାରେଜ୍ ପ୍ରକଳ୍ପର ସ୍ଥାନ ପରିଦର୍ଶନ କରି ପ୍ରକଳ୍ପର ସଠିକତା ଅନୁଧ୍ୟାନ କରିଥିଲେ । ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ,ବାଲେଶ୍ୱର ଜିଲ୍ଲାର ରେମୁଣା, ସଦର ଓ ବସ୍ତା ବ୍ଲକର ପ୍ରାୟ ୧୦୭ଟି ଗ୍ରାମର ୬୧୦୦ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇପାରିବ । ଏହାପରେ ଉକ୍ତ ବୈଷୟିକ କମିଟି ମୟୂରଭଞ୍ଜ ଜିଲ୍ଲାର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପୁରୋଡିହି ଗ୍ରାମ ନିକଟରେ ପ୍ରସ୍ତାବିତ ସୋନୋ ବ୍ୟାରେଜ୍ ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିଥିଲେ । ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ ମୟୂରଭଞ୍ଜ ଜିଲ୍ଲାର ଗୋପବନ୍ଧୁ ନଗର ଓ ବଡସାହି ବ୍ଲକ ଏବଂ ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ରେମୁଣା ବ୍ଲକର ସମୁଦାୟ ୧୩୯ଟି ଗ୍ରାମରେ ପ୍ରାୟ ୯୯୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିବ । ବୈଷୟିକ ଆବଶ୍ୟକତା ଏବଂ ପ୍ରକଳ୍ପର କାର୍ଯ୍ୟକାରିତା ଦୃଷ୍ଟିରୁ ଉକ୍ତ ଦୁଇ ପ୍ରକଳ୍ପର ନିର୍ଦ୍ଧାରିତ ସ୍ଥାନଗୁଡିକ ଉପଯୁକ୍ତ ବୋଲି କମିଟି ମତ ପ୍ରକାଶ କରିଥିଲେ । ଏହାପରେ ଉକ୍ତ କମିଟି ଯାଜପୁର ସହର ପାର୍ଶ୍ୱବର୍ତୀ ସପ୍ତମାତୃକା ବ୍ୟାରେଜ୍ ପ୍ରକଳ୍ପ ପରିଦର୍ଶନ କରି ଏହାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ ।

ବିରସା ମୁଣ୍ଡାଙ୍କୁ ଜୟନ୍ତୀରେ ମନେ ପକାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରସା ମୁଣ୍ଡାଙ୍କୁ ଜୟନ୍ତୀରେ ସ୍ମରଣ କରିଛନ୍ତି । ସେ ଏହି ଅବସରରେ ଟ୍ୱିଟ କରି କହିଛନ୍ତି ଯେ -"ଭଗବାନ ବିରସା ମୁଣ୍ଡା ଜୀଙ୍କୁ ଜୟନ୍ତୀରେ ଶତ ଶତ ନମନ । ସେ ଗରିବ ମାନଙ୍କର ପ୍ରକୃତ ମସିହା ଥିଲେ । ସେ ଶୋଷିତ ଏବଂ ବଞ୍ଚିତ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ସାରା ଜୀବନ ସଂଘର୍ଷ କରିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ଏବଂ ସାମାଜିକ ସଦଭାବନା ପାଇଁ ତାଙ୍କର ପ୍ରୟାସ ଦେଶବାସୀଙ୍କୁ ସବୁବେଳେ ପ୍ରେରଣା ଯୋଗାଇବ ।"

ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ରୂପେ ପାଳନ କଲା ଏବିଭିପି

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ସ୍ଥାନୀୟ ସାଲିଆ ସାହି ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ବିରତ୍ୱ ଗାଥା ଉପରେ ଆଲୋଚନା କରାଯାଇଥିଲା । ଆଜିର ଦିନରେ ୧୮୭୫ ମସିହାରେ ଉଲିହାତୁ ନାମକ ଏକ ଅଖ୍ୟାତ ଆଦିବାସୀ ଗାଁରେ ବିର୍ସା ଜନ୍ମ ଗ୍ରହଣ କରିଥିଲେ । ବିର୍ସାଙ୍କ ଆଦର୍ଶ ପ୍ରେରଣାଦାୟୀ ଥିଲା । ମାତ୍ର ୨୫ବର୍ଷର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ବିର୍ସା ମୁଣ୍ଡା ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ସାଲିସ୍ ବିହୀନ ସଂଗ୍ରାମ କରି ଶେଷରେ ଶହୀଦ ହୋଇଥିଲେ । ଏହି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଓଡ଼ିଶା ରାଜ୍ୟ ଜନଜାତି ଛାତ୍ର କାର୍ଯ୍ୟ ପ୍ରମୁଖ ଭରତ ସୋରେନ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ବିର୍ସାମୁଣ୍ଡାଙ୍କ ଭୁମିକା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବ କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, ପ୍ରାନ୍ତ ସଂଗଠନ ସମ୍ପାଦକ ଅଭିଳାଷ ପଣ୍ଡା , ଭୁବନେଶ୍ୱର ମହାନଗର ସମ୍ପାଦକ ସମ୍ବିତ ପ୍ରସାଦ ରାଉତ, ମହାନଗର ଜନଜାତି ସହ ପ୍ରମୁଖ ମୁନା ତିରିଆ ଓ ପ୍ରମୁଖ କାର୍ଯ୍ୟକର୍ତାଙ୍କ ସହିତ ଜନଜାତି ଛାତ୍ର ଉପସ୍ଥିତ ଥିଲେ ।

ଫିନିକ୍ସ ସେବା ଦ୍ୱାରା ନିଆରା ଢଙ୍ଗରେ ଦୀପାବଳୀ ପାଳନ

ଭୁବନେଶ୍ୱର,୧୬।୧୧ (ନି.ପ୍ର): ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ 'ଫିନିକ୍ସ ସେବା' ତରଫରୁ ଏକ ଭିନ୍ନ ଢଙ୍ଗରେ ପବିତ୍ର ଦୀପାବାଳୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ମଲ୍ଲିକ ଆଓ୍ୱେସଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି । ଏହି ଅବସରରେ ମାଷ୍ଟରକ୍ୟାଂଟିନ୍ ଛକଠାରୁ ରାଜମହଲ ଛକ ମଧ୍ୟରେ ଫୁଟପାଥରେ ଶୋଇ ଶୀତରେ ଥରୁଥିବା ଲୋକମାନଙ୍କୁ ମାଗଣାରେ କମ୍ବଳ ବଂଟାଯାଇଥିଲା ଏବଂ ଯେଉଁମାନେ ଖାଇବାକୁ ନ ପାଇ ଉପବାସରେ ଥିଲେ, ସେମାନଙ୍କୁ ଖାଦ୍ୟ ବଂଟନ କରାଯାଇଥିଲା । ସରକାରଙ୍କ ଦ୍ୱାରା ଜାରି ହୋଇଥିବା କୋଭିଡ୍ କଟକଣାକୁ ମାନି ଦୀପ ଜାଳି, ବାଣ ଫୁଟାଇ ଅଯଥା ଅର୍ଥର ଅପଚୟ କରିବା ଅପେକ୍ଷା ଫିନିକ୍ସ ସେବାର କର୍ମକର୍ତାମାନେ ଏଥର ଦୀପାବଳୀରେ ଏହି ଗରିବ ଲୋକମାନଙ୍କ ମୁହଁରେ ହସ ଫୁଟାଇବାରେ ବେଶି ଖୁସି ଅନୁଭବ କରିଥିଲେ । ବାୟୁମଣ୍ଡଳକୁ ପ୍ରଦୂଷିତ ନ କରି ନିରାଡ଼ମ୍ବର ଭାବରେ ଦୀପାବଳି ପାଳନ କରିବା ସହିତ ସଙ୍ଗଠନର କର୍ମକର୍ତାମାନେ ଅନେକ ବୟସ୍କ ବୃଦ୍ଧ/ ବୃଦ୍ଧାମାନଙ୍କର ଆଶୀର୍ବାଦ ଲାଭ କରିଥିଲେ । ଏହି କମ୍ବଳ ବଂଟନ କାର୍ଯ୍ୟକ୍ରମ ଗତ ବର୍ଷ ପରି ଚଳିତ ଶୀତଋତୁରେ ମଧ୍ୟ ଜାରି ରହିବ ବୋଲି ଫିନିକ୍ସ ସେବାର ଅଧ୍ୟକ୍ଷ ମଲ୍ଲିକ ଆଓ୍ୱେସ୍ ଏକ ପ୍ରେସ୍ ବିବୃତିରେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର କିରଣ ବିଶ୍ୱାଳ, ମଂଟୁ ସାହୁ, ଟ୍ୱିଙ୍କିଲ୍, ଦୀପକ ବିଶ୍ୱାଳ, ରାକେଶ ପରିଡ଼ା, ମଲ୍ଲିକ ସୋହେଲ, ଡଃ ଅତୁଲ ସାହୁ, ନୃସିଂହ ମହାରଣା, ମିର୍ଜା ଜୁବେର ପ୍ରମୁଖ ଅଂଶଗ୍ରହଣ କରି ସହାୟତା କରିଥିଲେ ।

ନଭେମ୍ବର ୨୬ ଭାରତବନ୍ଦକୁ ସଫଳପାଇଁ ମିଳିତ କନ୍‌ଭେନ୍‌ସନ୍

ବାଲେଶ୍ୱର,୧୬।୧୧ (ନି.ପ୍ର): ଚଳିତ ନଭେମ୍ବର ମାସ ୨୬ ତାରିଖ ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟ / ଭାରତବନ୍ଦକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ମିଳିତ କନ୍‌ଭେନ୍‌ସନ୍ ରବିବାର ଦିନ ପୂର୍ବାହ୍ନରେ ନୂଆବଜାରସ୍ଥିତ ପରିବହନ ଶ୍ରମିକ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇ.ଏନ୍.ଟି.ୟୁ.ସି.ର ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ଏଚ୍.ଏମ୍.ଏସ୍.ର ଜିଲ୍ଲା ସଭାପତି ଅରୁଣ ସ୍ୱାଇଁ, ଏ.ଆଇ.ୟୁ.ଟି.ସି.ର ନେତା ଉମାକାନ୍ତ ଦାସ, ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ସି.ଆଇ.ଟି.ୟୁ.ର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତିର ଉପସଭାପତି ବିନୋଦ ହାଁସଦାଙ୍କୁ ନେଇ ଗଠିତ ମଣ୍ଡଳୀ ସଭା ପରିଚାଳନା କରିଥିଲେ । ମିଳିତ ମଞ୍ଚ ଟି.ୟୁ.ଏ.ସି.ସି.ର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ସଭାପତି ମଣ୍ଡଳୀଙ୍କୁ ମଞ୍ଚ ଆହ୍ୱାନ କରି ଆସନ୍ତା ୨୬ ତାରିଖ ଦିନ ଦେଶବ୍ୟାପୀ ଧର୍ମଘଟର ପ୍ରାସଙ୍ଗିକତା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କର ଶ୍ରମିକ, କୃଷକ ଓ ଜନବିରୋଧି ନୀତିକୁ ବିଭିନ୍ନ ଶ୍ରମିକସଂଗଠନର ନେତାମାନେ ସେମାନଙ୍କ ବକ୍ତବ୍ୟରେ ଦୃଢ଼ ବିରୋଧ କରିଥିଲେ । ଶ୍ରମିକ ବିରୋଧି ଶ୍ରମକୋର୍ଡ଼ଙ୍କୁ ପ୍ରତ୍ୟାହାର, କୃଷକ ଓ ଖାଉଟି ବିରୋଧି କୃଷି ଆଇନ୍ ବାତିଲ କରିବା, ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମୂଲ୍ୟବୃଦ୍ଧି ବନ୍ଦ କରିବା, ଆୟକର ଦେଉନଥିବା ସମସ୍ତ ପରିବାରଙ୍କୁ ମାସିକ ୭ ହଜାର ୫ଶହ ଟଙ୍କା ଓ ମୁଣ୍ଡପ୍ରତି ୧୦କିଲୋ ଚାଉଳ ଯୋଗାଇବା, ସରକାରୀ କର୍ମଚାରୀଙ୍କ ମହଙ୍ଗାଭତ୍ତା ପ୍ରଦାନ କରିବା, ବ୍ୟାଙ୍କ୍, ବୀମା, ପ୍ରତିରକ୍ଷା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦକରିବା, ନିର୍ମାଣଶ୍ରମିକମାନଙ୍କ ପଞ୍ଜିକରଣ, ନବୀକରଣ ଓ କରୋନା ସହାୟତା ପ୍ରଦାନକୁ ତ୍ୱରାନ୍ୱିତ କରିବା, ଅଙ୍ଗନୱାଡ଼ି, ଆଶା, ପାଚିକା ଓ ସ୍କିମ୍ ୱାର୍କର୍‌ସମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା, ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନ୍‌ସନ୍ ଓ ବେତନ ଅନୁପାତରେ ବର୍ଦ୍ଧିତ ପେନ୍‌ସନ୍ ସହ ମହଙ୍ଗାଭତ୍ତା ଏବଂ ସରକାରୀ ସ୍ୱାସ୍ଥ୍ୟବୀମା ପ୍ରଦାନ ପ୍ରଭୃତି ଦାବି ପୂରଣ ପାଇଁ ବକ୍ତାମାନେ ଧର୍ମଘଟକୁ ସଫଳକରିବାକୁ ଆହ୍ୱାନ ଦେଇଥିଲେ । ପରିବହନ ଶ୍ରମିକସଂଘରୁ ରାଜକିଶୋର ଲେଙ୍କା, ଡାକବିଭାଗରୁ ଗୋପାଳଚନ୍ଦ୍ର ପଢ଼ିଆରୀ, ପ୍ରତିରକ୍ଷା କର୍ମଚାରୀ ନେତା ରବିନାରାୟଣ ମିଶ୍ର, ବ୍ୟାଙ୍କ୍ କର୍ମଚାରୀ ନେତା ବିଜୟ କୁମାର ନାୟକ, ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କ ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ପାଚିକା ସଙ୍ଘର ନେତ୍ରୀ ଇଷାଣୀ ଷଡ଼ଙ୍ଗୀ, ଜୀବନବୀମା କର୍ମଚାରୀ ସଂଘରୁ ଅଶୋକ ବେହେରା, 'ଅଶ୍ରୁ'ର ନେତା ନୀଳମଣି ଦକ୍ଷୀତ, ନିର୍ମାଣ ଶ୍ରମିକ ନେତା ବିକାଶ ଦାସ, ଲକ୍ଷ୍ମୀକାନ୍ତ ଦାସ ଓ ଶଚିକାନ୍ତ ବେହେରା, ବିଦ୍ୟୁତ୍‌କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ଅଙ୍ଗନୱାଡ଼ି ନେତ୍ରୀ ଗୌରୀ ଦାସ, ଅଟୋଚାଳକ ସଂଘରୁ ଉମାକାନ୍ତ ପାତ୍ର, ନାରୀନେତ୍ରୀ ବନ୍ଦନା ବିଶ୍ୱାଳ, ଉଠାଜଳସେଚନ କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ରିକ୍ସା ଚାଳକ ସଂଘର ସମ୍ପାଦକ ସେକ୍ ସଲ୍ଲାଉଦ୍ଦିନ୍, ପଥବିକ୍ରେତା ସଂଘର ସମ୍ପାଦକ ମୋହିନୀ ମୋହନ ପରିଡ଼ା ଓ ଚାଷୀ ଏକତା ମଞ୍ଚର ଆବାହକ ଅରୁଣ ଜେନା ପ୍ରମୁଖ ସମସ୍ତ ଦାବିକୁ ସମର୍ଥନ ଜଣାଇ ଧର୍ମଘଟରେ ଯୋଗଦେବାକୁ ସେମାନଙ୍କ ସଂଗଠନର ସହମତି ପ୍ରକାଶ କରିଥିଲେ । ଦେଶବ୍ୟାପୀ ଏହି ସାଧାରଣ ଧର୍ମଘଟକୁ 'ଭାରତ ବନ୍ଦ'ର ରୂପଦେବାକୁ ସେମାନେ ଆହ୍ୱାନ ଦେଇଥିଲେ । ଆସନ୍ତା ୨୪ ତାରିଖ ଅପରାହ୍ନ ୪ଟାରେ ବାଲେଶ୍ୱର ସହରରେ ମୋଟର ସାଇକେଲ୍ ଶୋଭାଯାତ୍ରା, ବିଭିନ୍ନ ଅଞ୍ଚଳରେ ମାଇକ୍‌ପ୍ରଚାର, ପ୍ରଚାର ପତ୍ର ବଣ୍ଟନ, କଳକାରଖାନା ସମ୍ମୁଖରେ ଗେଟ୍ ମିଟିଂ ଓ ପଥପ୍ରାନ୍ତ ସଭା ଜରିଆରେ ଶ୍ରମଜୀବୀ ଜନଗଣଙ୍କୁ କେନ୍ଦ୍ର ସରକାରଙ୍କ ଅବିଚାର ବିରୁଦ୍ଧରେ ଜନମତ ସୃଷ୍ଟିକରି ଶାନ୍ତିପୂର୍ଣ୍ଣଭାବେ ଆସନ୍ତା 'ଭାରତବନ୍ଦ'କୁ ସଫଳ କରିବାପାଇଁ କନ୍‌ଭେନ୍‌ସନ୍‌ରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କନ୍‌ଭେନ୍‌ସନ୍‌ରେ ବିଭିନ୍ନ ଶ୍ରମିକ ସଂଗଠନରୁ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ । ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଶିଶୁ ଦିବସ ରେ ଶିଶୁ ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୬।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧରକରଣ ପକ୍ଷରୁ ଶିଶୁ ଦିବସ ପାଳନ ହେବା ସହ ଶିଶୁ ମାନଙ୍କ ସୁରକ୍ଷା ସଂପର୍କିତ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ମାନ୍ୟବର ଜିଲ୍ଲା ଦୌରାଜଜ ବାସୁଦେବ ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ମଳୟ କୁମାର ପ୍ରଧାନ, ପ୍ରାଧିକରଣର ପରାମର୍ଶ ଦାତ୍ରୀ ତଥା ଶିଶୁ ମଙ୍ଗଳ କମିଟିର ସଦସ୍ୟା ଲଳିତାଞ୍ଜଳୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ଶିଶୁ ସୁରକ୍ଷା, ଶିଶୁ ନିର୍ଯ୍ୟାତନା, ଶିଶୁ ଶ୍ରମିକ ନିଷେଧ ସଂପର୍କିତ ଆଇନ ଗୁଡିକ ଉପରେ ଆଲୋଚନା କରିଥିଲେ । କୋଭିଡ କଟକଣା ପାଇଁ ୱେବିନାର ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୬୦ଜଣ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ପିଏଲ ସି ଓ ପ୍ୟାନେଲ ଲୟାର ଅନଲାଇନ ମାଧ୍ୟମରେ ଯୋଗ ଦେଇଥିଲେ ।

ଚକ୍ରାପାଢୀ-ଗ୍ୱରିଗାଁ ପଂଚୟତ ଗୃହ ପାଇଁ ସ୍ଥାନ ନିରୂପଣ, ପିଡ଼ି, ଉପଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ଭଦ୍ରକ,୧୬।୧୧ (ହି.ସ): ଗତ ୨୦୧୬ ମସିହା ସରକାରୀ ନିର୍ଦ୍ଦେଶ ଅନୁସାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ

ଷ୍ଟ୍ରେଚମାର୍କସ୍

ସାଧାରଣତଃ ଷ୍ଟ୍ରେଚମାର୍କସର ଅର୍ଥ ପ୍ରେଗନେନ୍ସି ସମୟରେ ମହିଳାଙ୍କର ପେଟ ଓ ଝଙ୍ଘରେ ହେଉଥିବା ଚିହ୍ନକୁ ହିଁ କୁହାଯାଏ । କିନ୍ତୁ ମୋଟା ହୋଇଯିବା କାରଣରୁ ସ୍କିନ ଟାଇଟ ହୋଇଯାଏ ଓ ଟାଣି ହେବା କାରଣରୁ ଯେଉଁ ଚିହ୍ନ ହୁଏ ତାକୁ ମଧ୍ୟ ଷ୍ଟ୍ରେଚ ମାର୍କସ କୁହାଯାଏ । ଏହି ଚିହ୍ନ ପାଇଁ ବୟସର କୌଣସି ସୀମା ନ ଥାଏ । ମୋଟା ହେବା ଦ୍ୱାରା ଶରୀରରେ ଯେଉଁ ସ୍ଥାନମାନଙ୍କରେ ଚର୍ବି ବୃଦ୍ଧି ପାଏ ସେତାରେ ସ୍କିନ ଟାଇଟ ହୋଇଥାଏ ଓ ଏପରି ଚିହ୍ନ ହୋଇଯାଏ । ଏହି ଚିହ୍ନର ଅନେକ ଉପଚାର ରହିଛି ଯେପରି ସର୍ଜରୀ ଇତ୍ୟାଦି କିନ୍ତୁ ଏହା ହେବା ପୂର୍ବରୁ ସାବଧାନ ରହିପାରିଲେ ଭଲ । ଗର୍ଭବତୀ ମହିଳାମନଙ୍କର ଗର୍ଭଧାରଣ ସମୟରେ ସ୍କିନରେ ହେଉଥିବା ପରିବର୍ତ୍ତନ ଓ ସମସ୍ୟାକୁ ସାଧାରଣତଃ ସମସ୍ତେ ଅଣଦେଖା କରିଥାନ୍ତି । ଏପରି କରିବାର ଅର୍ଥ ଷ୍ଟ୍ରେଚମାକସକୁ ନିମନ୍ତ୍ରଣ ଦେବା । ଯଦି ଏଥିରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ସ୍କିନରେ ହେଉଥିବା ପରିବର୍ତ୍ତନ ପ୍ରତି ସଜାଗ ରୁହନ୍ତୁ । ସ୍କିନ କୁଣ୍ଡେଇହେବା ଏହି



ସମୟରେ ଏକ ସାଧାରଣ ସମସ୍ୟା । ତେବେ ସେ ସ୍ଥାନକୁ କୁଣ୍ଡେଇବା ଉଚିତ ନୁହେଁ । କୌଣସି ଭଲ ପନାଉଡର ବା ମଇଶ୍ଚରାଇଜରର ବ୍ୟବହାର କରନ୍ତୁ ଯାହା ଦ୍ୱାରା କୁଣ୍ଡେଇହେବା କମ ହେବ । ଏବେ ବଜାରରେ ଅନେକ ପ୍ରକାରର ଷ୍ଟ୍ରେଚ ମାର୍କ କ୍ରିମ ଉପଲବ୍ଧ ହେଉଛି ଯାହାର ପ୍ରୟୋଗରେ ଏହି ଚିହ୍ନକୁ ହ୍ରାସ କରାଯାଇପାରିବ । ଗର୍ଭାବସ୍ଥା ସମୟରେ ମହିଳାମାନେ ଅନ୍ୟଦିନରେ ଯେତିକି ପାଣି ପିଅନ୍ତି, ଏ ସର୍ମରେ ମଧ୍ୟ ସେତିକି ପାଣି ପିଇଥାନ୍ତି । ଏହି ସମୟରେ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ଉଚିତ । କାରଣ ସ୍କିନରେ ଆର୍ଦ୍ରତା କମ ହେବାରୁ ଅଧିକ ଟାଣି ହୋଇଯାଏ । ଗର୍ଭବତୀ ମହିଳାମାନଙ୍କର ସ୍କିନରେ ପର୍ଯ୍ୟାପ୍ତ ପରିମାଣରେ ହାଇଡ୍ରେସେନ ଓ ଆର୍ଦ୍ରତା ପାଇଁ ଅଧିକରୁ ଅଧିକ ପାଣିତ ପିଇବା ବହୁତ ଜରୁରୀ । ପାଣି ପିଇବା ସହିତ ଆପଣଙ୍କ ହାଏଟ୍ ମଧ୍ୟ ଠିକ୍ ରହିବା ଉଚିତ । ଡାକ୍ତରଙ୍କ କହିବା ଅନୁସାରେ ଗର୍ଭବତୀ ମହିଳାମାନଙ୍କର ୧୧.୫ କିଗ୍ରାରୁ ୧୬ କିଗ୍ରା ପର୍ଯ୍ୟନ୍ତ ଓଜନ ବଢ଼ିବା ଉଚିତ୍ । ତେଣୁ ଜଙ୍କ ଫୁଡକୁ ଆଭଏଡ୍ କରନ୍ତୁ ଓ ନ୍ୟୁଟ୍ରିସନାଲ ଖାଦ୍ୟ ଖାଆନ୍ତୁ । ଭିଟାମିନ ଏ, ସି ଓ ଡି ଥିବା ଖାଦ୍ୟ ଆପଣ ଓ ଆପଣଙ୍କ ସ୍କିନ ପାଇଁ ଉପକାରୀ ପ୍ରମାଣିତ ହେବ । ଏହା ସହିତ ହାଇ ପ୍ରୋଟିନର ଖାଦ୍ୟ ଆପଣଙ୍କ ସ୍କିନକୁ ଷ୍ଟ୍ରେଚ ମାର୍କସରୁ ରକ୍ଷା କରିପାରିବ । ଏହା ସହିତ ବ୍ୟାୟାମ ମଧ୍ୟ କରନ୍ତୁ । ବ୍ୟାୟାମ ଦ୍ୱାରା ସ୍କିନକୁ ବିନା କୌଣସି ସମସ୍ୟାରୁ ସହାୟତା ମଳିବ ଓ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରଣରେ ରହିବ ।

ପିଆଜ

ସ୍ୱାସ୍ଥ୍ୟ ରକ୍ଷାରେ ପିଆଜର ଉପଯୋଗିତା ସମସ୍ତଙ୍କୁ ଜଣା । ଏହା କେବଳ ସ୍ୱାଦିଟ୍ଟ ମସଲାରେ ବ୍ୟବହୃତ ହୁ ନାହିଁ, ଏହା ଆମକୁ ବିଭିନ୍ନ ସଂକ୍ରମଣ ଓ ରୋଗରୁ ରକ୍ଷା କରେ । ପୂର୍ବ କାଳରେ ହଇଜା ଓ ପ୍ଲେଗ ପରି ମାରାତ୍ମକ ରୋଗର ନିବାରକ ଭାବରେ ଏହାକୁ ବ୍ୟବହାର କରାଯୁଥିଲା । ଏଥିରେ ଥିବା ବାୟୋଟିନ, ଭିଟାମିନ- ଏ, ଭିଟାମିନ ବି-୬, ଭିଟାମିନ-ଡି, ଫୋଲିକ ଏସିଡ, ସୋଡିୟମ, ପୋଟାସିମ ଓ ଲୌହ ପରି ଏକାଧିକ ଭିଟାମିନ ଓ ଖରିଜ ଆମ ଶରୀର ଓ ସ୍ୱାସ୍ଥ୍ୟ ଉପରେ ବହୁ ସକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଅନୁସାରେ ପିଆଜ ଶ୍ୱାସ, ଏଲର୍ଜି ଓ ବ୍ରୋଙ୍କାଇଟିସ ପରି ରୋଗର ସଫଳ ନିବାରକ ।

ଗୁଣ ଓ ଉପକାର:

- ପିଆଜରେ ଥିବା କ୍ରେମିୟମ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବା ସହ ମାଂସପେଶୀ ଓ କୋଷିକାରେ ଗ୍ଲୁକୋଜ ପ୍ରଭାବକୁ ନିୟନ୍ତ୍ରିତ କରେ ।
- ଫାଇଟୋକେମିକସ ନାମକ ଏକ ପ୍ରକାର ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ପିଆଜରୁ ମିଳେ, ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।
- ମୁଖର ଏକାଧିକ ରୋଗର ଅବର୍ଥ ଔଷଧ ପିଆଜ । ଏହା ଦନ୍ତକ୍ଷୟକୁ ରୋକେ ଏବଂ ପାଟିକୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରେ ।
- ଏଥିରେ ଥିବା ବାୟୋଟନ ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ । ମୁହଁରେ ମହୁ ସହିତ ପିଆଜ ରସ ନିୟମିତ ଲଗାଇଲେ ଦାଗ ଦୂର ହୁଏ ଏବଂ ମୁହଁ ଉଜ୍ଜ୍ୱଳ ଦେଖାଯାଏ ।
- କାଶହେଉଥିଲେ ମହୁ ସହିତ ପିଆଜ ରସ ମିଶାଇ ଖାଇଲେ ଉପଶମ ମିଳେ ।
- ପିଆଜରେ ଆଣ୍ଟି ଅକ୍ସିଡେଣ୍ଟ ଗୁଣ ରହିଛି ତା ସହିତ ଏଥିରେ ଥିବା କ୍ୱରସିଟିନ କର୍କଟ ରୋଗ ଆଶଙ୍କା ଦୂର କରେ ।
- ଗୁଡ଼ ଓ ପାଣି ସହିତ ପିଆଜ ରସ ଖାଇଲେ ହାଡ଼ ଶକ୍ତ ହୁଏ ଓ ନୂଆ ଲୋହିତ ରକ୍ତକଣିକା ସୃଷ୍ଟି ହୁଏ ।
- ଶରୀର ପାଇଁ ପାଇବର ଅତ୍ୟନ୍ତ ଜରୁରୀ । ଏହା ପାକକ୍ରିୟାକୁ ସ୍ୱାଭାବିକ ଓ ସରଳ କରେ । ତେଣୁ ପିଆଜ ଖାଇଲେ ହଜମ ଭଲହୁଏ ।
- ମଳକଣ୍ଟକ ରୋଗୀଙ୍କ ପାଇଁ ପିଆଜ ଅତ୍ୟନ୍ତ ଉପକାରୀ । କଞ୍ଚା ପିଆଜ ନିୟମିତ ଖାଇଲେ କଷ୍ଟରୁ ମୁକ୍ତି ମିଳେ ।

ସ୍ତନ୍ୟପାନ କରାଇବା ଉଭୟ ମା' ଓ ଶିଶୁ ପାଇଁ ଉପକାରୀ

ନବଜାତ ଶିଶୁ ପାଇଁ ମା' କ୍ଷୀର ହେଉଛି ଅମୃତ ତୁଲ୍ୟ । ମା' କ୍ଷୀର ନବଜାତ ଶିଶୁର ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭ ପ୍ରଦ ହେବା ସହ ଏଥିରେ ଫ୍ୟାଟ୍, ସୁଗାର, ଜଳ ଏବଂ ପ୍ରୋଟିନର ମାତ୍ରା ସଠିକ୍ ପରିମାଣରେ ରହିଥିବା ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି । ଏଣୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ କରାଇବା ଉଭୟ ମା ଓ ଶିଶୁର ସ୍ୱାସ୍ଥ୍ୟ ପାଇଁ ହିତକାରକ ସାବ୍ୟସ୍ତ ହୋଇଥାଏ । ସ୍ତନ୍ୟପାନ କରାଉଥିବା ମହିଳା ହୃଦଘାତ, ମଧୁମେହ, ଅଷ୍ଟିଓପୋରୋସିସ ଭଳି ରୋଗରୁ ମୁକ୍ତି ପାଇଥାନ୍ତି । କେବଳ ଏତିକି ନୁହେଁ ସ୍ତନ୍ୟପାନ କରାଇବା ଦ୍ୱାରା ସ୍ତନ କର୍କଟ ରୋଗର ଆଶଙ୍କା ମଧ୍ୟ କମ ରହିଥାଏ । ଡିପ୍ରେସନ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ମହିଳାଙ୍କ ଗର୍ଭଧାରଣ ସମୟରେ ଓଜନ ବୃଦ୍ଧି ସମସ୍ୟା ମଧ୍ୟ ଦୂର ହୋଇଥାଏ । ମା କ୍ଷୀର ପାନ କରିବା ଦ୍ୱାରା ନବଜାତ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଶିଶୁ ଜନ୍ମ ହେବା ପରେ ମା ବକ୍ଷରେ ସୃଷ୍ଟି ହେଉଥିବା ପ୍ରଥମ କ୍ଷୀର ଡାଇରିଆ, ଚେଷ୍ଟ ଇନଫେକ୍ସନ ଏବଂ ଅନ୍ୟ ପ୍ରକାରର ରୋଗରୁ ମୁକ୍ତି ଦେଇଥାଏ । ସ୍ତନ୍ୟପାନ ସମୟରେ ମହିଳାଙ୍କ ଶରୀରରୁ ଏକ ଅକକ୍ସିଟୋସିନ ନାମକ ହମୋନ ନିର୍ଗତ ହୋଇଥାଏ, ଯଦ୍ୱାରା ସେମାନ ଚିନ୍ତାମୁକ୍ତ ରହିଥାନ୍ତି ଓ ସୁସ୍ଥ ଅନୁଭବ କରିଥାନ୍ତି । ଯେତେ ଅଧିକ ସ୍ତନ୍ୟପଳନ କରିବେ ସୋତେ ପରିମାଣର କ୍ୟାଲୋରିଜ ଶରୀରରୁ ଉତ୍ପନ୍ନ ହୋଇଥାଏ । ଏଥି ଯୋଗୁଁସାରା ଜୀବନ ପାଇଁ ମା ଶିଶୁ ମଧ୍ୟରେ ଦୃଢ଼ ସମ୍ପର୍କ ରହିଥାଏ । ଶିଶୁ ନିଜ ବାପା ଅପେକ୍ଷା ମା'ର ନିକଟତର ହୋଇଥାଏ ବୋଲି ଗବେଷଣାରେ ବୈଜ୍ଞାନିକଙ୍କ ମତ ରହିଛି ।

ସ୍ୱାସ୍ଥ୍ୟ ପାଇଁ ହିତକର କଲରା

ଆମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ ମହଜୁତ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ ଆମକୁ ଅନେକ ପ୍ରକାରର ଭୋଗକୁ ଉପଶମ ମିଳିଥାଏ ।

ମଧୁମେହ: ମଧୁମେହ ହୋଇଥିଲେ, ଦୈନିକ ୨୦ଗ୍ରାମ କଲରା ରସ ସକାଳେ ଖାଲିପେଟରେ ପିଇଲେ ୧ମାସ ମଧ୍ୟରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

ଗଣ୍ଠିବାତ: କଲରାକୁ ଚାଞ୍ଚି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡ଼ିବ । ଶିଛିଗଲାପରେ ଏହାକୁ ବାହାର କରି ଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଗରମ ଖୁଆଇ ଦେବେ । ପ୍ରତିଥର ୧୦ଗ୍ରାମ ଲେଖାଏ ଖାଇବାକୁ ଦିଅନ୍ତୁ । ଏହିପରି ଭାବରେ ରୋଗୀକୁ ୧୦ଦିନ ପର୍ଯ୍ୟନ୍ତ ଖୁଆଇବ । ଏହାଦ୍ୱାରା ସ୍ନାୟୁଗତ ବାତ, ସନ୍ଧିବାତ, ଆଦିରେ ବିଶେଷ ଲାଭ ହୁଏ ଏବଂ ପୀଡ଼ାସ୍ଥାନରେ କଲରାର ରସ ବାହାର କରି ଲେପ କରୁଥିବେ ।

ଅନ୍ଧାରକଣା: ଏହାର ରସରେ ଗୋଲମରିଚ ଘୋରି ଆଖିର ଉପର ଓ ତଳ ପତାରେ ଲଗାଇଲେ ଭଲ ହୁଏ ।

ବାନ୍ତି ହେଉଥିଲେ: କଲାରର୨/୩ଟି ମଞ୍ଜି ସମଭାଗରେ ଗୋଲମରିଚ ସହିତ ଶିଳ୍ପରେ ବାଟି ଅଳ୍ପ ପାଣିରେ ମିଶାଇ ଛାଣି ଟିକେ ଟିକେ ପିଆଇଲେ ପିଲାମାନଙ୍କର ଆଉ ବାନ୍ତି ବେଦ ନାହିଁ ।

ବିଲେଇଙ୍କ ନିମିତ୍ତ ସ୍ୱତନ୍ତ୍ର 'କ୍ୟାପସୁଲ ବ୍ୟାଗ୍'

କେବଳ ବିଦେଶରେ ନୁହେଁ, ଏବେ ଭାରତରେ ମଧ୍ୟ ଅଧିକାଂଶ ଲୋକ କୁକୁର ଓ ବିଲେଇକୁ ପାଳୁଥିବାର ଦେଖାଯାଉଛି । ଏହା ସହ ସେମାନଙ୍କ ରରକ୍ଷଣାବେକ୍ଷଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ପଛାଉନାହାନ୍ତି । ଲଣ୍ଡନରେ ୧୨%ରୁ ଅଧିକ ଲୋକ ବିଲେଇକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିବାର ଏକ ସର୍ବେକ୍ଷରରୁ ଜଣାପଡ଼ିଛି । ବିଲେଇଙ୍କ ଆଦର, ଯତ୍ନ ନିଜ ପିଲାଙ୍କ ଠାରୁ ଲୋକେ ଅଧିକ କରୁଥିବାର ଦେଖାଯାଉଛି । ଲଣ୍ଡନର ଏକ ନାମୀ କମ୍ପାନୀ ଲୋକଙ୍କର ଏଭଳି ଆଗ୍ରହ ଦେଖି ଏକ ସୁନ୍ଦର ତଥା ଡିଜାଇନର କ୍ୟାପସୁଲ ବ୍ୟାଗ ତିଆରି କରିଛି । ବିଲୈଙ୍କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଏଇ ବ୍ୟାଗ ତିଆରି କରିଛି କମ୍ପାନୀ । ଏଇ ବ୍ୟାଗରୋ ବିଲେଇକୁ ଭର୍ତ୍ତି କରି ମାଲିକ ଆରାମରେ ଯେ କୌଣସି ସ୍ଥାନକୁ ଯାଇପାରିବ । ବିଲେଇ ଏଇ ବ୍ୟାଗରେ ଥିବାବେଳେ ନିଶ୍ୱାସ-ପ୍ରଶ୍ୱାସରେ ମଧ୍ୟ କୌଣରସି ଅସୁବିଧା ଉପୁଜେନାହିଁ । ମାଲିକ କାନ୍ଧରୋ ଏଇ ବ୍ୟାକ୍-ପ୍ୟାକକୁ ପକାଇ ସବୁ ସ୍ଥାନକୁ ଯାଇପାରିବେ । କ୍ୟାପସୁଲବ୍ୟାଗର ମୂଲ୍ୟ ୫ହଜାରରୁ ଆରମ୍ଭ ହୋଇ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।

ଚିନାବାଦାମ

ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ । ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ । ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ୍ୟ ହ୍ରାସ କରେ ।

- ଚିନାବାଦାମରେ ଭିଟାମିନ ଏତ ମଧ୍ୟ ରହିଛି । ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।
- ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।
- ଚିନାବାଦାମ ନିୟମିତ ଶଖଇଲେ ମଧୁମେହ ଆଶଙ୍କା ପ୍ରତିତ ଦୂର ହୁଏ ।
- ରକ୍ତରେ ଶର୍କରା ସ୍ତରକୁ ନିୟମନ୍ତ୍ରଣ କରେ । ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

- ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିହ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।
- ଖରାପ କୋଲେଷ୍ଟାରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।
- ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।

ଖୁସିର ରହସ୍ୟ

ଟେକ୍ନୋଲୋଜିର ଏହି ଯୁଗରେ ଅଧିକାଂଶ ଲେକେ ଏବର ସମୟରେ ଖୁସି ରହୁନଥିବା ପ୍ରକାଶ କରିଛନ୍ତି । ଯୁବବର୍ଗ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ତାଲିକାରେ ସାମିଲ । ନ୍ୟୟର୍କ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞଗଣ ବିଭିନ୍ନ ପ୍ରାନ୍ତର ଲୋକଙ୍କ ଉପରେ ଗବେଷଣା କରି ସମାନ ତଥ୍ୟ ଅବଗତ କରାଇଥିବାର ଜଣାପଡ଼ିଛି । ତେବେ ଏହାର ସମାଧାନ ମଧ୍ୟ ଗବେଷକଗଣ ବାହାର କରିଛନ୍ତି ୨୦ହଜାର ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ କରାଗଲା । ପ୍ରଥମ କିଛି ମାସ ଏହି ବ୍ୟକ୍ତିମାନେ ସେଭଳି କିଛି ଫରକ ଅନୁଭବ କରିନଥିବାବେଳେ ତୃତୀୟ ମାସରେ ସେମାନଙ୍କ ଆନନ୍ଦ ରହିବାର ରହସ୍ୟ ଜାଣିପାରିଥିଲେ । ଗବେଷକଙ୍କ ମତରେ, ଡେସ୍କଟପ, ଲ୍ୟାପଟପ ପାମଟପ୍ କିଛି ମଧ୍ୟ ମନୁଷ୍ୟ ଜୀବନଶୈଳୀରେ ଏତେ ପ୍ରଭାବ ପକାଇନଥିଲା, ଯାହା ମାତ୍ର କିଛି ବର୍ଷରେ ସ୍ମାର୍ଟଫୋନ ପକାଇଛି । ତେଣୁ ସାଧାରଣ ଲୋକେ ସମୟ ଅନୁସାରେ ସଚେତନ ହୋଇଯାଆନ୍ତୁ ।

ସୁନ୍ଦର ତ୍ୱଚାର ଦେଶୀ ଉପଚାର

ଆଜିର ସମୟରେ ଯୁବତୀ ଓ ମହିଳାମାନେ ତ୍ୱଚାର ରଙ୍ଗ ତଥା ଆପର୍ଷଣୀୟ ଦେଖାଯିବା ପାଇଁ ସଚେତନ । ବଜାରରେ ମିଳୁଥିବା ନାମୀଦାମୀ କ୍ମାନୀର କ୍ରିମ ଲଗାଇବା ପରିବର୍ତ୍ତେ ଦେଶୀ ଉପଚାର କରିବା ହିଁ ଉଚିତ ।

ନିୟମିତ ଭାବେ ଟମାଟୋ ଖାଆନ୍ତୁ କିମ୍ବା ନଚେତ ଟମାଟୋ ରସକୁ ତ୍ୱଚାରେ ଲଗାଇବା ଉଚିତ । ଏଥିରେ ଥିବା ଲାଇକୋପିନ ତ୍ୱାଚାକୁ ସନ୍ ବର୍ଣ୍ଣରୁ ରକ୍ଷା କରିଥାଏ । ଟମାଟୋ ପେଷ୍ଟକୁ ତ୍ୱଚାରେ ଲଗାଇଲେ ବୟସର ଛାପ ପଡ଼ିନଥାଏ । ସପ୍ତାହକୁ ୩ରୁ ୪ଥର ପାଚିଲା ଅମୃତଭଣ୍ଡା ଖାଇବା ତ୍ୱଚା ପାଇଁ ଭଲ । ଏଥିରେ ଥିବା ଭିଟାମିନ, ଓ ସି ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରେ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଥରୁଟିଏ ଅନ୍ତତଃ ଡାର୍କ ଚକୋଲେଟ୍ ଖାଇବା ଉଚିତ । ଏହା ତ୍ୱଚାକୁ ବିଭିନ୍ନ ପୋଷକ ତତ୍ତ୍ୱ ପ୍ରଦାନ କରେ । ଡାକ ଚକୋଲେଟରେ ଥିବା ଫ୍ୱୋନଏଡ୍ସ ତ୍ୱଚାକୁ ଦାଗ ହେବାରୁ ରକ୍ଷା କରିବା ସହ ଚମକ ବୃଦ୍ଧି କରିଥାଏ ।

ନିୟମିତ ଭାବେ ଦିନକୁ ଥରୁଟିଏ ଗ୍ରୀନ ଟି ପିଇଲେ ତ୍ୱଚା ସଂକ୍ରମିତ ହେଉନଥିବାର ପ୍ରକାଶ ।

ଗାଜରକୁ ବିଭିନ୍ନ ପ୍ରକାର ବ୍ୟଞ୍ଜନରେ ବ୍ୟବହାର କରି ଖାଇବା ସହ ଏହାର ରସକୁ ତ୍ୱଚାରେ ଲଗାଇବା ତ୍ୱଚା ପାଇଁ ଉପକାରୀ ।

ମାସକୁ ୨ଥର ଅଣ୍ଡାର ହଳଦିଆ ଅଂଶ ଖାଇଲେ ମଧ୍ୟ ଭଲ । ଏଥିରେ ଥିବା ପୋଷକ ତତ୍ତ୍ୱ ତ୍ୱଚାକୁ ସୂର୍ଯ୍ୟ କିରଣରୁ ରକ୍ଷା କରେ ।

କଖାରୁ ସିଝା ପ୍ରତିଦିନ ରୁଟି କିମ୍ବା ଭାତ ସହ ଯୁବତୀ ଓ ମହିଳାମାନେ ଖାଇବା ତ୍ୱାଚା ପାଇଁ ଉପକାରୀ ବୋଲି ବିଶେଷଜ୍ଞଙ୍କ ମତ ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଉତ୍ତମ ପଦକ୍ଷେପ...

କରୋନା ମହାମାରୀର ଦ୍ୱିତୀୟ ଲହର ଶୀତଦିନ ଆଗମନ ସହ ଆସିବା ଆଶଙ୍କା କରାଯାଉଥିବା ବେଳେ ଏହାର ପ୍ରଭାବ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ବ୍ୟାପକ ମାତ୍ରାରେ ପକାଇବ ବୋଲି ଆଶଙ୍କା କରାଯାଉଛି । କିନ୍ତୁ ଏହାଠାରୁ ବଳି ଅଧିକ ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ ବୋଲି ଅର୍ଥଶାସ୍ତ୍ରୀମାନେ ଅନୁମାନ କରୁଛନ୍ତି । ପ୍ରଥମ ପର୍ଯ୍ୟାୟ କରୋନା ଲହର ଏବେ ଆଠ ମାସରୁ ଅଧିକ ସମୟ ଧରି ଭାରତ ସମେତ ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଛି । ବିଶ୍ୱ ଅର୍ଥନୀତିକୁ ଏହା ଯେଉଁ ମାତ୍ରାରେ ଆକ୍ରାନ୍ତ କରିଛି, ତାହା ଭିନ୍ନ କଥା । କିନ୍ତୁ ଭାରତର ଅର୍ଥବ୍ୟବସ୍ଥାକୁ ଯେ ଏହା ଧୀର ମନ୍ଥର କରିପକାଇଛି, ତାହା ଅନସ୍ୱୀକାର୍ଯ୍ୟ । ଏପରିସ୍ଥଳେ ସରକାରଙ୍କୁ କରୋନା ମହାମାରୀ ସହ ଯେତିକି ଲଢ଼ିବାକୁ ପଡୁଛି, ତାହାଠାରୁ ଅଧିକ ମାତ୍ରାରେ ସଂଗ୍ରାମ କରିବାକୁ ପଡୁଛି ଆର୍ଥିକ ପୁନରୁତ୍‌ଥାନ ନିମନ୍ତେ । ସେପରିସ୍ଥଳେ ନଭେମ୍ବର ୧୨ ତାରିଖ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଆତ୍ମନିର୍ଭର ଭାରତର ତୃତୀୟ ପ୍ୟାକେଜ ଘୋଷଣା କରିଛନ୍ତି । ଦେଶର ଅର୍ଥନୀତିକୁ ପୁଣିଥରେ ସ୍ୱାଭାବିକ ଅବସ୍ଥାକୁ ଫେରାଇଆଣି ଗତିଶୀଳ କରିବା ନିମନ୍ତେ ଏହି ପ୍ୟାକେଜରେ ମୋଟ୍ ୨.୬୫ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଏହି ଅର୍ଥ ବିବିଧ କ୍ଷେତ୍ରପାଇଁ ଉଦ୍ଦିଷ୍ଟ । ସେଥିରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ, କୃଷି, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥାଙ୍କୁ ଜୀବନ୍ୟାସ ପ୍ରଦାନ ନିମନ୍ତେ ବ୍ୟବସ୍ଥା ରହିଛି । ମୋଟାମୋଟି ଭାବେ ପୁଞ୍ଜିଚଳନ ଏବଂ ଅଧିକ କର୍ମନିଯୁକ୍ତି ସୃଷ୍ଟି ଏହାର ମୁଖ୍ୟ ଲକ୍ଷ୍ୟ । କରୋନା ଦ୍ୱାରା ସମଗ୍ର ଦେଶ ପ୍ରଭାବିତ ହେବା ଓ ଏହାକୁ ନିୟନ୍ତ୍ରଣ କରିବା ସକାଶେ ସରକାରଙ୍କ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ଲକ୍‌ଡାଉନ୍ ଓ ଅନଲକ୍ ଘୋଷଣା କରାଯିବା ଦ୍ୱାରା ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ର ଗତିରହିତ ହୋଇପଡ଼ିଥିଲା । ୧୩୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଭଳି ଏକ ବିଶାଳ ରାଷ୍ଟ୍ର ପାଇଁ ଏହାର ମୁକାବିଲା କରିବା ନିମନ୍ତେ ମାସ ମାସ ସମୟ ଲାଗିଯାଇଥିଲା । ସରକାର ଅର୍ଥବ୍ୟବସ୍ଥାକୁ ଜୀବନ୍ୟାସ ଦେବା ନିମନ୍ତେ ଯେଉଁ ପ୍ରଥମ କିସ୍ତି ପ୍ୟାକେଜ ଘୋଷଣା କରିଥିଲେ ତାହା କୃଷି ସମେତ ଉତ୍ପାଦନ ଆଦି କ୍ଷେତ୍ରର ରୁଦ୍ଧଦ୍ୱାରକୁ ଉନ୍ମୁକ୍ତ କରିବାରେ ସହାୟକ ହୋଇଥିଲା । କଳକାରଖାନା ପୁଣି ଥରେ ଚଳଚଞ୍ଚଳ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ପ୍ୟାକେଜ ଏହିସବୁ କ୍ଷେତ୍ରକୁ ଗତି ପ୍ରଦାନ କରିଥିଲା । ସେଥିପାଇଁ ଦେଶର ଅର୍ଥବ୍ୟବସ୍ଥା ଏବେ ତା'ର ରିକଭରୀ ଦିଗ ଅଗ୍ରସର ହେଉଛି ବୋଲି ସରକାର ଦୃଢ଼ ସ୍ୱରରେ ଦାବି କରନ୍ତି । କିନ୍ତୁ ଏବେ ମୂଳ ପ୍ରସଙ୍ଗ ହେଉଛି କର୍ମନିଯୁକ୍ତି । ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ର କାର୍ଯ୍ୟକ୍ଷମ ନହେଲେ ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ ନାହିଁ । କରୋନା ସମୟରେ କାମଧନ୍ଦା ହରାଇ ଘରେ ବସି ରହିଥିବା ଶ୍ରମିକ ଅବା କର୍ମଚାରୀଟି ପାଇଁ କର୍ମସଂସ୍ଥାନ ଲୋଡ଼ା । ସେମାନେ ରୋଜଗାରକ୍ଷମ ନହେଲେ ବେକାରୀ, ଅଭାବ ଓ ଦାରିଦ୍ର୍ୟ ବୃଦ୍ଧିପାଇବ । ଉପଭୋକ୍ତା ଭାବେ ନିଜର ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାକୁ ସେମାନଙ୍କ ହାତକୁ ଅର୍ଥ ଆସିବନାହିଁ । ପୁନଶ୍ଚ, ଉତ୍ପାଦନ ଓ ନିର୍ମାଣ ଆଦି କ୍ଷେତ୍ର ସକ୍ରିୟ ହେବାକୁ ପୁଞ୍ଜି ଆବଶ୍ୟକ । ତାହା ବିନା କର୍ମନିଯୁକ୍ତି ଆଶା କରିବା ବୃଥା । ତେଣୁ ତୃତୀୟ ପର୍ଯ୍ୟାୟ ଆତ୍ମନିର୍ଭର ଭାରତ ପ୍ୟାକେଜରେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଉତ୍ପାଦନର ଦଶଟି କ୍ଷେତ୍ରପାଇଁ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିଛନ୍ତି । ଏହା ବ୍ୟତୀତ ଗ୍ରାମାଞ୍ଚଳର ଲୋକଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଯୋଜନା ପାଇଁ ୧୦,୦୦୦ କୋଟି ଟଙ୍କାର ଅତିରିକ୍ତ ପ୍ୟାକେଜର ପ୍ରାବଧାନ ହୋଇଛି । ସେହିଭଳି ଆପାତକାଳୀନ ଋଣ ଯୋଗାଣ ଗ୍ୟାରେଣ୍ଟି ଯୋଗାଣକୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟ ସମେତ ୨୬ଟି ମାତ୍ରାରିରିକ୍ତ ପ୍ରଭାବିତ ସେକ୍ଟରକୁ ଏଥିରେ ସାମିଲ କରାଯିବା ସରକାରଙ୍କର ଏକ ସୁଚିନ୍ତିତ ପଦକ୍ଷେପ । କରୋନା ମହାମାରୀ ଭାରତରୁ କିମ୍ବା ବିଶ୍ୱର ମୂଳପୋଛ ହୋଇନାହିଁ । କେବେ ହେବ ତାହା ମଧ୍ୟ ଜଣାନାହିଁ । ପୁଣି ଗୋଟିକ ପରେ ଗୋଟିଏ ଲହର ଆସି ଆମ ଆର୍ଥିକ ଓ ମାନସିକ ବଳକୁ ଭାଙ୍ଗିଦେବାର ଆଶଙ୍କା ରହିଛି । ସେପରିସ୍ଥଳେ ଭାରତ ଏଯାବତ୍ କରୋନାଜନିତ କାରଣରୁ ୨୯,୮.୬୭୧ କୋଟି ଟଙ୍କାର ଆର୍ଥିକ କ୍ଷତି ସହ୍ୟ କରିସାରିଲାଣି । ଏହା ଦେଶର ସାମଗ୍ରିକ ଘରୋଇ ଉତ୍ପାଦର ୧୫ ପ୍ରତିଶତ ସଙ୍ଗେ ସମାନ । ତେଣୁ ପର୍ଯ୍ୟାୟକ୍ରମିକ ଭାବେ ସରକାରଙ୍କ ପକ୍ଷରୁ କରାଯାଉଥିବା ଆର୍ଥିକ ଭରଣା ପ୍ୟାକେଜ ଘୋଷଣା ଅର୍ଥନୀତିକୁ ସଜାଡ଼ିବାରେ ସହାୟକ ହୋଇପାରିବ ବୋଲି ଆଶା କରିବା ଯଥାର୍ଥ ହେବ । ତେବେ ସବୁକିଛି ନିର୍ଭର କରେ କରୋନାର ଅନ୍ତ ଓ କାର୍ଯ୍ୟକ୍ରମର ସଫଳ ପ୍ରବର୍ତ୍ତନ ଉପରେ ।

ତୁମକୁ ପାରୁନି ଭୁଲି...

ଇଂ. ବିଦ୍ୟାଧର ପଣ୍ଡା

ତୁମକୁ ପାରୁନି ଭୁଲି, ବନ୍ଧୁ ! ତୁମକୁ ପାରୁନି ଭୁଲି (୦)
ତୁମେ ମୋ ପ୍ରଥମ ପ୍ରେମ, ସବୁ ବ୍ୟଥାର ମଲମ
ସ୍ମୃତି ଅତି ସୁଖ ଭରା, ବିଚ୍ଛେଦ ଦୁଃଖ ପସରା
ବର୍ତ୍ତମାନ ଲାଗେ ଖାଲି, ଭବିଷ୍ୟ ତ ଚୋରାବାଲି
ତୁମେ ମୋ ରଜନୀଗନ୍ଧା, ଅତୀତର ପ୍ରୀତିଛନ୍ଦା

ଗ୍ରହିଁ ଗ୍ରହିଁ ଥକି ଗଲି
ତୁମକୁ ପାରୁନି ଭୁଲି, ବନ୍ଧୁ ! ତୁମକୁ ପାରୁନି ଭୁଲି (୧)
ଆସିଲେ ହୋଲି ଦିଆଲି, ହୃଦୟଟି ଯାଏ ଜଳି
ଏକା'ରେ ଦିବା ନିଶି, ପଛକଥା ଭାଳେ ବସି
ମିଳନର ନାହିଁ ଆଶ, ସରି ଆସୁଛି ଆୟୁଷ
ତୁମ ଭାବ ଦେବାନେବା, ସହଜ ନୁହେଁ ଭୁଲିବା

ବେଶୀ ଝୁରେ ଆଜିକାଲି
ତୁମକୁ ହେଉନି ଭୁଲି, ବନ୍ଧୁ ! ତୁମକୁ ହେଉନି ଭୁଲି (୨)
ମୋ ଶେଷ ନିଶ୍ୱାସ ଯାଏ, ମନରୁ ପୋଛି ନହୁଏ
ଲକ୍ଷେ କଲିଣି ପ୍ରଯତ୍ନ, ହେଲେ ତୁମେ ପରା ରତ୍ନ
ଆଖିରେ ଆଖିଏ ଲୁହ, ହୃଦୟରେ ଭରା କୋହ
ମନେ ସଦା ଅସନ୍ତୋଷ, ଜୀବନରେ ଅବସୋସ
ପାଇ ପାରିଲିନି ବୋଲି
ଜମା ମୁଁ ପାରୁନି ଭୁଲି, ବନ୍ଧୁ ! ଜମା ମୁଁ ପାରୁନି ଭୁଲି (୩)

+ ଖ-୧୭/୧୫,
ପଂଚଶଖା ନଗର
ଭୁମୁଡୁମା, ଭୁବନେଶ୍ୱର-୧୯,
ମୋ-୯୪୩୯୧୨୮୦୫୦

ଜ୍ଞାନମୂର୍ତ୍ତୀ ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ସାନିଧଲବ୍ଧ ସ୍ମୃତି

ଶ୍ରୀ ଲକ୍ଷ୍ମୀଧର ପୁଥାଳ

କୁହାଯାଏ ଯେ ଈଶ୍ୱରଙ୍କର ଆର୍ଶୀବାଦ ନଥିଲେ କେହି ଶିକ୍ଷକ ହୋଇ ପାରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ଦେଖିଲେ ଶିକ୍ଷକତା ବୃତ୍ତି ହେଉଛି ଶିକ୍ଷକଙ୍କ ପାଇଁ ଈଶ୍ୱରଙ୍କର ଏକ ଅମୂଲ୍ୟ ଉପହାର । ଶିକ୍ଷାର୍ଥୀଙ୍କ ମନମନ୍ଦିରରେ ଜ୍ଞାନର ଜ୍ୱଳିଙ୍ଗକୁ ପ୍ରଜ୍ୱଳିତ କରି ରଖିବା ହେଉଛି ଶିକ୍ଷକ ମାନଙ୍କର ପବିତ୍ର ତଥା ମହାନ କର୍ତ୍ତବ୍ୟ । ଛାତ୍ର ଛାତ୍ରୀ ମାନଙ୍କର ଅସ୍ୱଷ୍ଟ ତଥା ପ୍ରଚ୍ଛନ୍ନ ସାମର୍ଥ୍ୟକୁ ଆବିଷ୍କାର କରି ତଦନୁଯାୟୀ ସେମାନଙ୍କୁ ଗଢ଼ିବା ନିସନ୍ଦେହରେ ଏକ ଗୁରୁ ଦାୟିତ୍ୱ । ଶିକ୍ଷାର୍ଥୀ ମାନଙ୍କର ଜ୍ଞାନ କ୍ଷୁଧାର୍ତ୍ତ, ସେମାନଙ୍କର ଜ୍ଞାନ କ୍ଷୁଧାକୁ ନିବାରଣ କରିବା ଶିକ୍ଷକ ମାନଙ୍କର କାର୍ଯ୍ୟ ସେଥିପାଇଁ ଶିକ୍ଷକତାକୁ ଦିଆଯାଇଛି ମହତ୍ତମ ବୃତ୍ତିର ମାନ୍ୟତା, ଯେଉଁ ମାନଙ୍କର ଥା, ବୃତ୍ତି ପ୍ରତି ଶ୍ରଦ୍ଧା, ନିଷ୍ଠା ଓ ପ୍ରତିବଦ୍ଧତା ।

ପାଶ୍ଚାତ୍ୟ ବିଚାରଧାରାରେ ଗୁରୁମାନେ ଅଧିକ ମହିମାନ୍ୱିତ ଓ ମର୍ଯ୍ୟଦାବନ୍ତ । ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ ହେଉ, ଜୀବନର ବୃତ୍ତି ହେଉକି ବ୍ରତଃ ହେଉ ବା ଜୀବନ ହେଉ, ବିଦ୍ୟାଦାନ ଭଳି ମହତ କାର୍ଯ୍ୟରେ ବ୍ରାପୃତ ରହି ଭବିଷ୍ୟତର ଦୟାଦ ନିର୍ମାଣ କରିବା, ଗୁରୁମାନଙ୍କ ଈଶ୍ୱରଙ୍କର ପ୍ରତିରୂପ ଭାବେ ସମ୍ଭ୍ରାନ୍ତ ସ୍ୱୀକୃତି ମିଳିବାର ଗୌରବର ବିଷୟ ନିଶ୍ଚୟ । ସେଭଳି ଜଣେ ଛାତ୍ରାନୁରନ ଶିକ୍ଷକ ଥିଲେ ସ୍ୱର୍ଗତଃ ସୂର୍ଯ୍ୟନାରାୟଣ ପାଢ଼ୀ ଯାହାଙ୍କର ତିରୋଧାନ ଘଟିଲାଗତ ନଭେମ୍ବର ମାସ ଛଅ ତାରିଖରେ ଅଠାନବେ ବୟସରେ ।

ବ୍ୟକ୍ତି ଯେତେବେଳେ ସଂସାରକୁ ଆସେ ସେତେବେଳେ ବ୍ୟକ୍ତିର ଅସ୍ତିତ୍ୱ ଜଣାଯାଏ ଯେବେ ବ୍ୟକ୍ତି ସଂସାରରୁ ଯାଏ ସେତେବେଳେ ବ୍ୟକ୍ତିର ବ୍ୟକ୍ତିତ୍ୱ ଜରା ପଡ଼େ । ଭାଗବତ ବାଣୀ ପ୍ରାଣୀର ଭଲ ମନ୍ଦ ବାରୀ । ମରଣ କାଳେ ତାହା ଜାଣି ବ୍ୟକ୍ତି ନିଜର ପୁରୁଷାର୍ଥ ବଳରେ ନିଜର ପରିଚୟ ସୃଷ୍ଟି କରେ । ଜୀବନକୁ ସାର୍ଥକ କରେ । ତାଙ୍କ କର୍ମ ତାଙ୍କୁ ମରିବାକୁ ଦିଏନି । ନ୍ତବୁଦ୍ଧି, ବିବେକ, ଜ୍ଞାନ ବଳେ ମରଣ ଜିଣିପାରେ ହେଳେନ୍ତ (ଭାଗବତ ବାଣୀ) ନିଜର ବୁଦ୍‌ଧି, ବିବେକ, ଜ୍ଞାନ ଓ ବଳ ଦ୍ୱାରା ମରଣକୁ ଜୟ କରିପାରେ । ମୃତ୍ୟୁରୁ ଅମୃତକୁ ଯାଏ । ଆମ ସଂସ୍କୃତି କହେ ଅସତୋ ମା ସଦଗମୟ, ତେମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋ ମା ଅମୃତ ଗମୟ ।

ସତ୍ୟବାଦୀର ବନ ବିଦ୍ୟାଳୟ ଓ ଶାନ୍ତି ନିକେତନର ବ୍ରହ୍ମଚର୍ଯ୍ୟାଶ୍ରମ କେମିତି ଗଢ଼ା ହୋଇଥିଲା ଏ ସବୁ ଅନୁଷ୍ଠାନ ସମସ୍ତେ ଜାଣନ୍ତି । ଏ ସବୁର କେନ୍ଦ୍ରରେ ଥିଲେ ଜଣେ ଜଣେ ଯୁଗ ଜନ୍ମା, ସ୍ୱାର୍ଥତ୍ୟାଗୀ ମହାପୁରୁଷ । ସେମାନଙ୍କର ବ୍ୟକ୍ତିତ୍ୱର କାଉଁରି ସ୍ୱର୍ଶରେ ଅନୁଷ୍ଠାନକୁ ଦେଦୀପ୍ୟମାନ କରୁଥିଲେ । ସେ ସବୁ ଅନୁଷ୍ଠାନ ସହ କୁଶଳଦା ସ୍କୁଲ ଚଳନା କରାଯାଇ ନପାରେ । କିନ୍ତ ସମ୍ଭବତଃ ଏହାର ପ୍ରାଣ ପ୍ରବାହୀ ଚେତନାଯି ଥିଲା ସମଧର୍ମୀ । ସେସବୁ ଅନୁଷ୍ଠାନ ଜାତୀୟ ବା ପ୍ରାଦେଶିକ ସ୍ତରରେ ଗଢ଼ିଉଠୁଥିବା ବେଳେ ଏ କ୍ଷୁଦ୍ର ଅନୁଷ୍ଠାନଟି ବଣ ମଲ୍ଲି ପରି ଗୋଟିଏ ବଣୁଆ ମୁଲକରେ ଫୁଟି ଉଠି ସୁବାସ ବିଛାଡ଼ି ଦେଇଥିଲା ଏକ ବିସ୍ତିର୍ଣ୍ଣ ପଲ୍ଲି ଅଞ୍ଚଳରେ । ଏହି ଅନୁଷ୍ଠାନର ପ୍ରାଣ ପୁରୁଷ ଥିଲେ ଜଣେ ଉଦାରମନା ବଦାନ୍ୟ ଶିକ୍ଷା ପ୍ରେମୀ ବ୍ୟକ୍ତି ସ୍ୱର୍ଗତଃ ପଲ୍ଲିପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରା । ଅନୁଷ୍ଠାନର ମୁଖ୍ୟ ରୂପକାର । ଯେଉଁମାନେ ଏହାର କଳେବର, ଯଶ, ପ୍ରସିଦ୍ଧି ବୃଦ୍ଧିରେ ଅନନ୍ୟ ଅବଦାନ, ତ୍ୟାଗ, ନିଷ୍ଠା, ଉତ୍ସର୍ଗୀକୃତ ମନୋଭାବ ଥିଲା ସେମାନେ ହେଲେ ସ୍ୱର୍ଗତଃ ପ୍ରଭାକର ମହାପାତ୍ର, କୁଆମରା, ପ୍ରଥମ ପ୍ରଧାନ ଶିକ୍ଷକ, ଯେ ସରକାରୀ ମହାବିଦ୍ୟାଳୟରୁ ଅଧକ୍ଷ ଭାବେ ଅବସର ଗ୍ରହଣ କରିଥିଲେ । ଦ୍ୱିତୀୟ ପ୍ରଧାନ ଶିକ୍ଷକ ଭାବେ ସ୍ୱର୍ଗତଃ ଜଗନ୍ନାଥ ମିଶ୍ର (କଟକ) ପରେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ତୃତୀୟ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ଗିରୀଶଚନ୍ଦ୍ର ପଟ୍ଟନାୟକ (କଟକ), ସୁନାମଧନ୍ୟ ଗଣ ିକ୍ଷକ ଓ ଚତୁର୍ଥ ପ୍ରଧାନ ଶିକ୍ଷକ ଭାବେ ସ୍ୱର୍ଗତଃ ସୂର୍ଯ୍ୟନାରାୟଣ ପାଢ଼ୀଙ୍କର ୧୯୬୧ ରେ ଯୋଗଦାନ (କୋରାପୁଟ) । ସ୍ୱର୍ଗତ ପାଢ଼ୀ ତାଙ୍କର ଚାକିରୀ ଜୀବନ ନିଜ ଜିଲ୍ଲା କୋରାପୁଟର ଜୟପୁର ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଭାବେ ଆରମ୍ଭ କରି ଆଶ୍ରମମ ବବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବିଭକ୍ତ କଟକ ଜିଲ୍ଲାର କରିଲୋପାଟଣା ଓ ନେମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟକରି, କୁଶଳଦା ଭଳି ଏକ ଆଦର୍ଶ ବିଦ୍ୟାଳୟ କଥା ଶୁଣିଲେ ୧୯୬୧ ମସିହାରେ କୁଶଳଦା ହାଇସ୍କୁଲ ପ୍ରଧାନ ଶିକ୍ଷକ ପଦବୀରେ ଯୋଗଦାନ କରିଥିଲେ । ତାଙ୍କର ଯୋଗଦାନ ଠାରୁ ଶିକ୍ଷାଦାନ କ୍ଷେତ୍ରରେ ବିଦ୍ୟାଳୟକୁ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରାଇବାରେ ସେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ।

ଯୋଗ ଦାନପରେ ପୂଜ୍ୟଶ୍ରୀ ବିଦ୍ୟାଳୟର ରୁଦ୍ଧିମନ୍ତ ଅତୀତ ଐତିହ୍ୟ ସମ୍ବନ୍ଧରେ ଜାଣିଲେ । ଦୀର୍ଘଦିନର ରହଣୀ ଭିତରେ ଅନୁଷ୍ଠାନର ପୂର୍ବ ଗୌରବକୁ ଅକ୍ଷୁର୍ଣ୍ଣ ରଖି ତାର କାୟା କଳେବର ବୃଦ୍ଧି କରି ପାରିଥିଲେ ।

ଅଠାନବେ ବର୍ଷ ବଞ୍ଚିଥିଲେ । ଆଉ ଦୁଇ ବର୍ଦ୍ଦେ ବଞ୍ଚିଥିଲେ ନ୍ତଜୀବେତ ଶରଦଃ ଶତମନ୍ତ ହୋଇ ଥାଆନ୍ତେ । ଶତାୟୁ ହୋଇ ପାରିଥାନ୍ତେ । ମାତ୍ର ବାର୍ଦ୍ଧକ୍ୟ ଜନୀତ ରୋଗ କାରଣରୁ ଗତ ନଭେମ୍ବର ମାସ ଛଅ ତାରିଖ ସନ୍ଧ୍ୟା ୬/୪୫ ମି. ସମୟରେ ତାଙ୍କର ମଧ୍ୟମ ପୁତ୍ର ମୋ ଜିଲ୍ଲା ବନଖଣ୍ଡ ଅଧିକାରୀ ବଟକୃଷ୍ଣ ପାଢ଼ୀଙ୍କ ବାସ ଭବନରେ ପରଲୋକ ହୋଇ ଯାଇଛି । ସେ କେବଳ ନିଜ ସହିତ ତୁଳନୀ । ସେ ଥିଲେ ଖଣ୍ଡିଏ ଦାଗହୀନ ଧୋବ ଫର ଫର ବସ୍ତ୍ର ପରି ଯାହାର ଔଜଲ୍ୟରେ ସମଗ୍ର ମାନବ ସମାଜ ଜାଜ୍ୱଲ୍ୟମାନ । କେବଳ ଏତେ ବର୍ଷ ବଞ୍ଚି ରହିବା ବଡ଼ କଥା ନୁହେଁ । ଠିକଣା ବାଯରେ ବଞ୍ଚିବା ବଡ଼ କଥା । To live is nothing to live rightly is every thing କେବଳ ନିଜ ପାଇଁ ବଞ୍ଚିବା ମରିବା ସହିତ ସମାନ ଓ ପରପାଇଁ ଯେ ବଞ୍ଚେ ସେ ମରିମଧ ବଞ୍ଚେ । ଶିକ୍ଷକ କେବଳ ଛାତ୍ର ଛାତ୍ରୀଙ୍କର ଶିକ୍ଷକ ନୁହଁନ୍ତି ସେମାନେ ସମାଜର ଶିକ୍ଷକ । ସେମାନଙ୍କର ଆଚାର, ବ୍ୟବହାର, ଉଚ୍ଚାରଣ ପ୍ରତ୍ୟେକଟି ସମାଜର ସବୁ ବର୍ଗର, ସବୁ ବୟସର ଲୋକ ମାନଙ୍କର ଶିକ୍ଷଣୀୟ ।

ପାଠ ପଢ଼ାଇଲା ବେଳେ ଶ୍ରେଣୀ କକ୍ଷରେ ପ୍ରତିଦିନ ସେ ଉଭା ହେଉଥିଲେ ଜ୍ଞାନାଲୋକରେ ଦୀପ୍ତିମାନ ଜଣେ ଆଲୋକିତ ନାୟକ ଭଳି । ସଭା, ସମିତି, କୌରସି ଶାସ୍ତ୍ରାର୍ଥ ଚର୍ଚ୍ଚା ସମୟରେ ନିଜର ବକ୍ତବ୍ୟ ରଖୁଥିବା ବେଳେ ସମୁଚିତ ଶବ୍ଦ ଚୟନ କରି, ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରୁଥିଲେ ।

ସବୁଠାରୁ ବଡ଼କଥା ହେଲା ଶିକ୍ଷାରଣାଙ୍ଗନରେ ତାଙ୍କର ଯୋଦ୍ଧା ସୁଲଭ ଭୂମିକା ଶିକ୍ଷା ପୁଣି ତହିଁରେ ସମୟ ଉପଯୋଗୀ ଶିକ୍ଷାର କବଚ କୁଣ୍ଡଳ ପିନ୍ଧି ସେ ସତକୁ ସତ ଜଣେ ଯୋଦ୍ଧା ଭାବରେ ପ୍ରତୀୟମାନ ହୁଅନ୍ତି ।

ଜଣେ ଆଦର୍ଶ ଶିକ୍ଷକ, ପଢ଼ନ୍ତି, ପଢ଼ାନ୍ତି, ଜାଣନ୍ତି, ଜଣାନ୍ତି, ମାନନ୍ତି ଓ ମନାନ୍ତି, ଲେଖନ୍ତି, କୁହନ୍ତି ଓ ଗବେଷଣା କରନ୍ତି । ସେ ବହୁତ ପଢ଼ନ୍ତି, ପଢ଼ିଲା ବେଳେ ତାଙ୍କର ମସ୍ତିଷ୍କ କ୍ୟାମେରା ଭଳି କାମ କରେ । ପଢ଼ାଇଲା ବେଳେ ଲାଗନ୍ତି ସତେ ଯେମିତି ଏ ସମୟର ବୃହସ୍ପତି । ଇଂରେଜୀ ବ୍ୟଙ୍ଗମୟ ସାହିତ୍ୟର ଜଣେ ମୂର୍ଦ୍ଧନ୍ୟ ବିଭୂତି ବହୁଶାସ୍ତ୍ରଦର୍ଶୀ ମନସ୍ୱିତା, ଯନ୍ତ୍ରବତ ସମୟାନୁବର୍ତ୍ତିତା ପ୍ରଖର ପ୍ରତ୍ୟୁତ୍ପନ୍ନ ମତିତା ଗତ୍‌କାଳିକ୍ ପ୍ରଶ୍ନର ଉତ୍ତର ପଠନ ପ୍ରିୟତା, କୋଠର ଅନୁଶାସନ, ଅଧାତ୍ମିକ ବିଚାର ବ୍ୟବସ୍ଥିତ ଜୀବନ ଚର୍ଯ୍ୟା, ପରିପକ୍ୱ ନିଷ୍ପତ୍ତି, ପ୍ରଶାସନିକ ଦକ୍ଷତା, ବାକ୍‌ପଟୁତା ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ, ଛାତ୍ରାନୁରଂଜନ ଗୁଣ, ଉଚ୍ଚ ସକାରାତ୍ମକ ବିଧେୟ ଚିନ୍ତନ, ବହୁଦର୍ଶୀ ମାନସିକତା, ଭଦ୍ରଶୀଳ, ଶିଷ୍ଟ ବ୍ୟବହାର, ସ୍ନିହଦୃପ୍ତ ଚାହାଣୀ, ପଦପାତରଠାଣୀ, ଗୁରୁଗମ୍ଭୀରବାଣୀ- ଜଣେ ସଙ୍କୁଳିତ ସମର୍ଥ ବ୍ରକ୍ତିତ୍ୱ (A multi talented personality) ଏକ ଅନତ କ୍ରମଣୀୟ ଚରିତ୍ର । ତାଙ୍କ ଜୀବନ ଏକ ବିସ୍ତୃତ ଦୀପିକା । ତାକୁ ଫରୁଆଭିତରେ ବର୍ଣ୍ଣନା କରିବା ଅସମ୍ଭବ । ଆଦର୍ଶ, ଯାହାଙ୍କର ଦର୍ଶନରେ ଭୁଲ ଗୁଡ଼ିକ ଭଲ ହୋଇ ଯାନ୍ତି । ସୁନ୍ଦର ସୁନ୍ଦର କଥା କହି କୁ ବିଚାର ଦୂର କରି ସୁ-ବିଚାର ଭରିଦେବା କଳା ତାଙ୍କୁ ଜଣା । କେମିତି ସେ ଏତେ ଜ୍ଞାନ ପ୍ରଜ୍ଞାନର ଅଧିକାରୀ ହୋଇ ପାରିଲେ ଭାବିଲେ ମନ ତାଙ୍କ ପାଦ ପାନ୍ତରେ ଆପେ ଆପେ ନଇଁପଡ଼େ, ଗୁରୁ ଦେବତା ପାଲଟି ଯାଆନ୍ତି ଏବଂ ଛାତ୍ର ଜିଇଁଥିବା ପର୍ଯ୍ୟନ୍ତ ଗୁରୁ ବଞ୍ଚେଟି ରୁହନ୍ତି ତାଙ୍କ ସ୍ମୃତିରେ ବହୁ ପ୍ରତିଷ୍ଠିତ ପୁରାତନ ଛାତ୍ର ଛାତ୍ରୀଙ୍କର ମାର୍ଗ ଦର୍ଶକ ଓ ପ୍ରେରଣାର ଉତ୍ସ ଥିଲେ ।

ଏକ ଅବ୍ୟକ୍ତ ଚିରନ୍ତନତା ଛାଡ଼ି ଦେଇଗଲେ । ମଣିଷ ଯିବେ, ସମ୍ପର୍କ ଛିଣ୍ଡିଯିବ । ଜୁଇ ଜଳିବ ମାତ୍ର ଜୀବନର ପଟୁଆର ଚାଲୁ ରହିବ । ଯିଏ ଭିତରେ ଜିଇଁଛନ୍ତି, ଅଖଣ

ଦାରିଦ୍ର୍ୟ ଆକଳନର ନୂଆ ମାନଦଣ୍ଡ

ଗୋପାଳ ମହାପାତ୍ର

ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା କମିଛି କିନ୍ତୁ ସେମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବାସଗୃହ ଭଳି ଆବଶ୍ୟକୀୟ ସୁବିଧା ମିଳିପାରିଛି କି ? କ'ଣ ସରକାର ଗରୀବ ଲୋକଙ୍କ ସମୀକ୍ଷା ବା ସର୍ବେକ୍ଷଣ କଲାବେଳେ ଏ ସବୁ କଥାକୁ ମାନଦଣ୍ଡ ଭାବେ ସାମିଲ କରିଛନ୍ତି ନା କେବଳ ସେମାନଙ୍କ ଆୟ ବା ରୋଜଗାରର ବୃଦ୍ଧି କାରଣରୁ ସେମାନେ ଦାରିଦ୍ର୍ୟସୀମାର ଉପରକୁ ଉଠିଗଲେ ବୋଲି କହୁଛନ୍ତି ? ଦେଶରେ ୧୯୪୭ରେ ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଏବେ ସରକାର କହୁଛନ୍ତି ଯେ ଏହି ସଂଖ୍ୟା କମି ୨୨ ପ୍ରତିଶତ ପହଞ୍ଚିଛି । ୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି ଏବେ ଏହା ୧୩୬ କୋଟି ଟପିସାରିଲାଣି । ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ଆୟ ବୃଦ୍ଧି ସହିତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରୋତ୍ସାହନ ଯୋଜନାର ସଫଳତା କାରଣରୁ ଦେଶରେ ଗରୀବ ଲୋକଙ୍କ ସଂଖ୍ୟା କମିଛି । ସରକାରଙ୍କ ବିଭିନ୍ନ ଯୋଜନା ସବୁ ଡିଜିଟାଲ ମାଧ୍ୟମରେ କରାଯାଉଥିବା ଏହା ପଛର ମୁଖ୍ୟ କାରଣ ବୋଲି କୁହାଯାଇପାରେ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜନ-ଧନ ଯୋଜନା ଏ ସନ୍ଦର୍ଭରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଯୋଜନାରେ ପାଖାପାଖି ୪୧ କୋଟି ଲୋକ ବିଭିନ୍ନ ବିଭିନ୍ନ ବ୍ୟାଙ୍କରେ ଖାତା (ଆକାଉଣ୍ଟ) ଖୋଲିଥିଲେ । ବିଶେଷ କରି ୨୨ କୋଟି ମହିଳା ବ୍ୟାଙ୍କରେ ଖାତା ଖୋଲିଛନ୍ତି ବୋଲି ସରକାର କହୁଛନ୍ତି । ଏ ସବୁ ଜନ-ଧନ ଖାତାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସବ୍‌ସିଡି ବାବଦ ଅର୍ଥ ସିଧାସଳଖ ହସ୍ତାନ୍ତରିତ କରାଯାଉଛି । ଏହାଫଳରେ ବାଟମାରଣା କମିଛି ଓ ହିତାଧିକାରୀଙ୍କର ଲାଭ ହୋଇଛି ।

୧୯୬୦ ମସିହାଠାରୁ ଭାରତ ଏବଂ ବିଶ୍ୱବ୍ୟାଙ୍କ ମଧ୍ୟରେ ଦେଶରୁ ଦାରିଦ୍ର୍ୟ ହଟାଇବା ପାଇଁ ଉଦ୍ୟମ ଜାରି ରହିଛି । ଭାରତରେ ଦାରିଦ୍ର୍ୟ ସୀମାରେଖାକୁ ଯେଉଁଭଳି ପରିଭାଷିତ କରାଯାଇଥିଲା । ତାକୁ ଦୃଷ୍ଟିରେ ରଖି ଗୋଟିଏ ଡଲାର ପ୍ରତିଦିନ ଆୟ କରୁଥିବା ବ୍ୟକ୍ତି ଗରୀବ ନୁହେଁ ବୋଲି ବିଶ୍ୱବ୍ୟାଙ୍କ କହିଥିଲା । କିନ୍ତୁ ବିଶ୍ୱବ୍ୟାଙ୍କ ଏବେ ଏହି ସୀମାକୁ ଦୁଇଡଲାର ପର୍ଯ୍ୟନ୍ତ ବୃଦ୍ଧି କରିଛି । ବିଶ୍ୱ ବ୍ୟାଙ୍କ ସମୟ ସମୟରେ ଦାରିଦ୍ର୍ୟ ସୀମାରେଖାର ପରିଭାଷାକୁ ସୁଧାରିଛି ପ୍ରତିବ୍ୟକ୍ତି କେତେ କ୍ୟାଲୋଜ ପାଇଁ କେଉଁ ସବୁ ଖାଦ୍ୟ ସାମଗ୍ରୀର ଉପଭୋଗ କରିବ ଏବଂ ସେ ସବୁ ଖାଦ୍ୟ ସାମଗ୍ରୀକୁ କିଣିବାପାଇଁ ବ୍ୟକ୍ତିର ଆୟ କେତେ ହେବା ଆବଶ୍ୟକ ତାକୁ ଦାରିଦ୍ର୍ୟ ସୀମାରେଖା ବୋଲି ଭାରତରେ ପ୍ରାରମ୍ଭରେ ଗ୍ରହଣ କରାଯାଇଥିଲା । ସେ ସମୟରେ ଚିନ୍ତା କରାଯାଇଥିବା ଯେହେତୁ ହସ୍ପିଟାଲ ଏବଂ ସ୍କୁଲ କଥା ସରକାର ବୁଝୁଛନ୍ତି ତେଣୁ ପିଲାଙ୍କ ପାଠପଢ଼ା ଓ ଚିକିତ୍ସା ପାଇଁ ଗରୀବ ଲୋକଙ୍କୁ କିଛି ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଏଣୁ ଉପଭୋକ୍ତା ବସ୍ତୁ ତାଲିକାରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବାବଦ ଖର୍ଚ୍ଚକୁ ସାମିଲ କରାଯାଇନଥିଲା । ଏବେ କିନ୍ତୁ ୧୯୬୦ର ଅବସ୍ଥା ନାହିଁ । ଆଜିର ସ୍ଥିତିରେ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରିତ କରିବା ବେଳେ ଖାଦ୍ୟସାମଗ୍ରୀ ଓ ଉପଭୋକ୍ତା ବସ୍ତୁ ବ୍ୟତୀତ ଅନ୍ୟ ବିନ୍ଦୁମାନଙ୍କ ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ । ଅର୍ଥାତ ଦେଶରେ ଶିକ୍ଷାର ସ୍ତର କେମିତି, ଏହି ସୁବିଧ କେମିତି ଉପଲବ୍ଧ ଏପରିକି ଶିକ୍ଷା ବ୍ୟବସ୍ଥାର କେତେ ବିକାଶ ହୋଇଛି ସେ ସକଥାକୁ ଧ୍ୟାନ ଦିଆଯିବା ଉଚିତ । ଅନ୍ୟପକ୍ଷରେ ଦେଶରେ ସ୍ୱାସ୍ଥ୍ୟ ସୁବିଧାର ସ୍ଥିତି କ'ଣ ରହିଛି ଏବଂ ଏହି ସୁବିଧା ସମସ୍ତ ନାଗରିକଙ୍କୁ ସହଜରେ ମିଳିପାରୁଛି କି ନାହିଁ ତାକୁ ମଧ୍ୟ ଦେଖିବା ଉଚିତ । ତୃତୀୟତଃ ସବୁ ଲୋକଙ୍କର ବାସଗୃହ ଅଛି ନା ନାହିଁ ? ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଥିବା ବ୍ୟକ୍ତି ବା ଲୋକଙ୍କୁ ଯଦି ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ମିଳୁନାହିଁ ବା ସେମାନଙ୍କର ବାସଗୃହ ନାହିଁ ତେବେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାସଗୃହ ମଧ୍ୟ ଉପଭୋକ୍ତା ବସ୍ତୁ ତାଲିକାରେ ସାମିଲ କରାଯିବା ଉଚିତ । ଏହା କରାଯାଇପାରିଲେ ଦେଶରେ ଥିବା ଗରୀବ ଲୋକମାନେ ଉପକୃତ ହୋଇପାରିବେ ଓ ପ୍ରକୃତପକ୍ଷେ ସେମାନେ ଦାରିଦ୍ର୍ୟ ସୀମାରେଖାର ଉପରେ ବୋଲି କୁହାଯାଇପାରିବ । ଏଣୁ ସରକାର ସର୍ବେକ୍ଷଣ ବା ଆକଳନ କରିବାର ପ୍ରକ୍ରିୟାକୁ ବଦଳାଇବାର ସମୟ ଆସିଯାଇଛି ।

ବିଶ୍ୱ ସ୍ତରରେ ଦାରିଦ୍ର୍ୟ ସୀମାରେଖାର ନିର୍ଦ୍ଧାରଣ ସାମାନ୍ୟତଃ କମ୍ ଆୟ ଆଧାରିତ ଦେଶକୁ ଧ୍ୟାନରେ ରଖି କରାଯାଇଥାଏ ଯେଉଁଠି ଆବଶ୍ୟକ ଉପଭୋଗ୍ୟ ବସ୍ତୁ ତୁଳନାତ୍ମକ ଭାବରେ ଶସ୍ତା ଦରରେ ଉପଲବ୍ଧ ହୋଇଥାଏ । ଏହି ପ୍ରକାରର ସୀମାରେଖା ମଧ୍ୟ କମ୍ ଆୟ ସହ ଯୋଡ଼ି ହୋଇଥାଏ । କିନ୍ତୁ ମଧ୍ୟମ ଆୟ ଶ୍ରେଣୀର ଦେଶରେ ଏତିକି ଆୟରେ ବା କମ୍ ଆୟରେ ଆବଶ୍ୟକ ଉପଭୋଗ୍ୟ ବସ୍ତୁ ଉପଲବ୍ଧ ହୋଇପାରିନଥାଏ । ଭାରତ ପ୍ରାରମ୍ଭରେ କମ୍ ଆୟ ଶ୍ରେଣୀର ଦେଶମାନଙ୍କର ତାଲିକାରେ ଥିଲା । କିନ୍ତୁ ଏବେ ମଧ୍ୟମ ଆୟ ଶ୍ରେଣୀର ଦେଶମାନଙ୍କ ମଧ୍ୟରେ ସାମିଲ ହୋଇଛି । ବିଶ୍ୱସ୍ତରରେ ଏବେ ଚର୍ଚ୍ଚା ଚାଲିଲାଣି ଯେ ୪ ଡଲାରରୁ କମ୍ ଆୟ କରୁଥିବା ବ୍ୟକ୍ତିଙ୍କୁ ଦରିଦ୍ର ବା ଗରୀବ ଶ୍ରେଣୀଭୁକ୍ତ କରାଯିବ । କିନ୍ତୁ ଏହି ପରିଭାଷା କମ୍ ଆୟବାଲା ଦେଶଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ବିଶ୍ୱର ଅନେକ ଦେଶ ସେମାନଙ୍କ ଦେଶର ପ୍ରତିବ୍ୟକ୍ତିର ଦୈନନ୍ଦିନର ଆୟକୁ ଏତେ ଉଚ୍ଚସ୍ତରକୁ ନେଇପାରିବେ ନାହିଁ । ଏଣୁ ଏ ସବୁ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯଦି ସବୁ ଦେଶ ଗୋଟିଏ ପରିଭାଷାକୁ ଲାଗୁ କରୁନଥାନ୍ତେ ତେବେ ବିଭିନ୍ନ ଦେଶରେ ଏଭଳି ଲୋକଙ୍କ ସଂଖ୍ୟା ସଠିକ ଭାବେ ଜଣାପଡ଼ନ୍ତା ନାହିଁ କି ଗୋଟିଏ ଦେଶକୁ ଅନ୍ୟ ଦେଶ ସହ ତୁଳନା କରିବା କଷ୍ଟକର ହୋଇପଡ଼ନ୍ତା । ଏଠାରେ ଆଉ ଗୋଟିଏ କଥାର ବିଚାର କରାଯାଇପାରେ । କ'ଣ ବିଶ୍ୱବ୍ୟାଙ୍କ ଏବଂ ବିଭିନ୍ନ ଦେଶମାନଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଉଥିବା ଦାରିଦ୍ର୍ୟ ସୀମାରେଖା ଅଲଗା ଅଲଗା ହୋଇପାରିବ ନାହିଁ ? ବିଭିନ୍ନ ଦେଶ କାହିଁକି ଗୋଟିଏ ଦେଶର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅଲଗା ଅଲଗା ଖର୍ଚ୍ଚ ଏବଂ ଆୟର ସ୍ତର ମଧ୍ୟ ଅଲଗା ରହିଛି । ଏଥିସହିତ କେନ୍ଦ୍ରସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଭାବ ମଧ୍ୟ ଦେଶରେ ଥିବା ଗରୀବ ଲୋକଙ୍କ ଉପରେ ପଡୁଛି । ଯଦି ଗ୍ରାମାଞ୍ଚଳଗୁଡ଼ିକ ପାଇଁ ଅଧିକ ଯୋଜନା କରାଯାଇପାରନ୍ତା ବା କାର୍ଯ୍ୟକାରୀ ହେଉଥିବା ଯୋଜନା କେମିତି ଅଧିକ ଭାବେ ଗରୀବ ଲୋକଙ୍କ ପାଖରେ ପହଞ୍ଚିବ ସେ ବାବଦରେ ଠୋସ ବ୍ୟବସ୍ଥା କରାଯାଇପାରନ୍ତା । ତେବେ ଗ୍ରାମାଞ୍ଚଳରେ ଗରୀବଙ୍କ ସଂଖ୍ୟା କମିପାରନ୍ତା ନିଶ୍ଚୟ । ଏବେ ସରକାରଙ୍କ ଉଦ୍ୟମ କାରଣରୁ ଗ୍ରାମାଞ୍ଚଳରେ ସାର୍ବଜନୈକ ବିତରଣ ପ୍ରଣାଳୀ ମଜଭୁତ ହୋଇଛି ଓ ଲୋକଙ୍କୁ ଶସ୍ତାଦରରେ ଖାଦ୍ୟସାମଗ୍ରୀ ମିଳୁଛି । ଏହି କାରଣରୁ ସରକାର କହୁଛନ୍ତି ଯେ ଦେଶରେ ଗରୀବଙ୍କ ସଂଖ୍ୟା କମିଛି । କିନ୍ତୁ ଗ୍ରାମାଞ୍ଚଳରେ ଶିକ୍ଷା କ୍ଷେତ୍ର ସୁଧୁରି ପାରିନାହିଁ କି ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ସୁଧୁରିନାହିଁ । ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କମିଛି କିନ୍ତୁ ତାହା ଆଶାନୁରୂପ ନୁହେଁ । ଭାରତର ୩ଟି ଜିନିଷ ବା ୩ଟି କଥା ଅନ୍ୟ ଦେଶମାନଙ୍କ ତୁଳନାରେ ଭିନ୍ନ । ଗୋଟିଏ ହେଉଛି ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ । ଦ୍ୱିତୀୟତଃ କୃଷି ଉପରେ ନିର୍ଭରଶୀଳ ଲୋକଙ୍କ ସଂଖ୍ୟା ମଧ୍ୟ ଅଧିକ । ତୃତୀୟତଃ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ, ଯେଉଁଠି କାର୍ଯ୍ୟରତ ଲୋକଙ୍କ ଆୟ ନିୟମିତ ନୁହେଁ । କୃଷିକ୍ଷେତ୍ରର ଆୟ ମଧ୍ୟ ବଦଳୁଛି । ଏଥିପାଇଁ ଠିକ୍ ଭାବରେ ଅନ୍ୟ ଦେଶମାନଙ୍କ ସହ ତୁଳନା କରାଯାଇପାରୁନାହିଁ । ଆୟକୁ ସମସ୍ତ ଘରୋଇ ଉତ୍ପାଦରେ ବୃଦ୍ଧିରୁ ଆକଳନ କରାଯାଇପାରେ । ରୋଜଗାର ବଢ଼ିଲେ ବ୍ୟକ୍ତିର ଆୟ ବଢ଼ିବ କିନ୍ତୁ ଅନ୍ୟ ସୁବିଧା ଯଥା ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବାସଗୃହ ଆଦି କେଉଁ ସ୍ତରରେ ଉପଲବ୍ଧ ସେ କଥା ମଧ୍ୟ ଦେଖିବାକୁ ପଡ଼ିବ । ଏହି ଆକଳନ ବେଳେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ଦେଖାଯିବା ଆବଶ୍ୟକ । ଏ ସବୁକୁ ଗରୀବଙ୍କ ଆକଳନ ବେଳେ ଗ୍ରହଣ କରାଯାଉଥିବା ମାନଦଣ୍ଡରେ ସାମିଲ କରାଯାଇ ଦାରିଦ୍ର୍ୟ ସୀମାରେଖାର ପରିଭାଷାକୁ ବଦଳାଯାଇପାରିଲେ ହିଁ ପ୍ରକୃତପକ୍ଷେ ସଠିକ ଆକଳନ ହୋଇପାରିବ । ସରକାର ମଧ୍ୟ ପରିବର୍ତ୍ତିତ ପରିଭାଷା ଅନୁସାରେ ଯୋଜନା ପ୍ରଣୟନ କରି ଦେଶରୁ ଦାରିଦ୍ର୍ୟ ଦୂର କରିବା ଦିଗରେ ପଦକ୍ଷେପ ନେବେ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ସୌନ୍ଦର୍ଯ୍ୟ ବିଶେଷଜ୍ଞ ମାଛ

ସାମୁଦ୍ରିକ ମାଛମାନଙ୍କ ମଧ୍ୟରେ ଏପରି ପ୍ରଜାତିର ମାଛ ଠାବ କରାଯାଇଛି ଯିଏ ଚର୍ମ ଖରାପ ହୋଇଯାଇଥିବା ମାଛମାନଙ୍କର ଚର୍ମ ସଫା କରିସେମାନଙ୍କୁ ସୁସ୍ଥ, ସୁନ୍ଦର ଏବଂ ସ୍ମାର୍ଟ କରିଥାନ୍ତି । ଏହି ମାଛକୁ କ୍ଲିନର ଫିଶ୍ ବୋଲି କୁହାଯାଉଛି । ସମୁଦ୍ରମାଛମାନେ ନିଜ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟର ଖୁବ୍ ଯତ୍ନ ନେଇଥାନ୍ତି । ସେଥିପାଇଁ ସମୁଦ୍ର ଭିତରେ ଥିବା ବିଭିନ୍ନ ପ୍ରକାର ମାଛଙ୍କର ସହାୟତା ନିଅନ୍ତି ସେମାନେ । ଏହି ମାଛମାନଙ୍କୁ ବୈଜ୍ଞାନିକମାନେ କ୍ଲିନର ଫିଶ୍ ବା କ୍ଲିନିଂ ପିଶ୍ ବୋଲି ନାମ ଦେଇଛନ୍ତି । ଏମାନଙ୍କର ଲମ୍ବା ୧୦ ସେଣ୍ଟିମିଟର ଅର୍ଥାତ୍ ପ୍ରାୟ ୪ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ । ବିଭିନ୍ନ ରଙ୍ଗର ହୋଇଥିବାରୁ ଏହି ପ୍ରଜାତିର ସବୁମାଛ ଖୁବ୍ ସୁନ୍ଦର ଦେଖାଯାଆନ୍ତି । ଲମ୍ବା ଏବଂ ପତଳା ହେବା ସହ ଶରୀରରେ ଲମ୍ବା ଗାର ପଡ଼ିଥାଏ ଯାହା ଏହି ମାଛଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ଏମାନେ ବଡ଼ ମାଛକୁ ସଫା ହେବା ଲାଗି ଆକୃଷ୍ଟ କରନ୍ତି । ଏହାପରେ ଗୋଟିଏ ଦଳ ହୋଇ ଆରାମରେ ସେମାନଙ୍କ ଶରୀର ସଫା କରିଥାନ୍ତି । ଏହି ମାଛମାନେ ସଫା ହେବାକୁ ଆସିଥିବା ମାଛମାନଙ୍କ ପାଟିରେ ବି ପଶିଯାନ୍ତି ଏବଂ ସେଠାରେ ଥିବା କ୍ଷତିକାରକ କୀଟାଣୁ ତଥା ରୁଗଣ କୋଷଗୁଡ଼ିକୁ ସଫା କରିଦିଅନ୍ତି। ବଦଳରେ ସେମାନଙ୍କୁ କିଛି ଖାଦ୍ୟ ମିଳିଯାଏ । କ୍ଲିନର ଫିଶ୍ ନିଜ ପାଇଁ ପୁଷ୍ଟିକର ହୋଇଥିବା କୋଷ ଏବଂ ମୃତ ତ୍ୱଚାଗୁଡ଼ିକୁ ଖାଇଥାନ୍ତି । ଏମାନଙ୍କର ପାଟି ଖୁବ୍ ଛୋଟ ହୋଇଥିଲାବେଳେ ଓଠ ଆଗକୁ ବଢ଼ିଯାଇଛି । ଦାନ୍ତ ଖୁବ୍ ତୀକ୍ଷଣ ତେଣୁ ସଫା କରିବା ସହଜ ହୁଏ । ଯେଉଁ ଆକ୍ୱାରିୟମରେ ସାଲମନ ପରି ଦାମୀ ମାଛ ରଖାଯାଇଥାଏ, ସେଠାରେ ଏଭଳି କେତୋଟି କ୍ଲିନର ମାଛଙ୍କୁ ପରିବେଶ ସଫା ରଖିବାକୁ ଛାଡ଼ିଦିଆଯାଏ । କ୍ଲିନର ମାଛମାନେ ନିଜ ସ୍ୱାସ୍ଥ୍ୟର ଖୁବ୍ ଯତ୍ନ ନିଅନ୍ତି ଏବଂ ରାତିରେ ପର୍ଯ୍ୟାପ୍ତ ସମୟ ଶୋଇଥାନ୍ତି ପାଇପ୍ ଫିଶ୍, ଚିଚଲିହସ, କ୍ୟାଟଫିଶ୍ ଏବଂ କେତେକ ପ୍ରଜାତିର ଚିଙ୍ଗୁଡ଼ି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ଗୋଲାପ ଜଳର ବ୍ୟବହାର

ଗୋଲାପଫୁଲର ପାଖୁଡାରୁ ପ୍ରସ୍ତୁତ ହେଉଥିବା ଗୋଲାପ ଜଳର ବ୍ୟବହାର ସ୍କିନ ପାଇଁ ଅନେକ ପ୍ରକାରର ବ୍ୟବହାର କରାଯାଇଥାଏ । ଏହା ସ୍କିନକୁ ବହୁତ ପ୍ରକାରର ଉପକାର ପହଞ୍ଚାଇଥାଏ । ଏହା କେବଳ ସ୍କିନକୁ ଚିକକଣ କରିଥାଏ ତା ନୁହେଁ ଚେହେରାରେ ଥିବା ବ୍ରଣ, କଳା ଦାଗ, ରିଙ୍କଲସ ଇତ୍ୟାଦିର ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ଗୋଲାପ ଜଳରେ ଏଣ୍ଟିଜେଣ୍ଟ ଥାଏ । ବଜାରରେ ମିଳୁଥିବା ଦାମୀ ଟୋନର୍ସ ବଦଳରେ ସ୍କିନର ଟୋନିଙ୍ଗ ପାଇଁ ଗୋଲାପ ଜଳର ବ୍ୟବହାର କରନ୍ତୁ । ଆପଣ ଏହାକୁ ଘରେ ମଧ୍ୟ ତିଆରି କରିପାରିବେ । ଏହା ପାଇଁ ୧୦୦ ଏମଏଲ ଗୋଲାପ ଜଳରେ ୧୦ବୁନ୍ଦା ଗୋଲାପ ତେଲ ଓ ୧୦ ବୁନ୍ଦା ଲେଭେଣ୍ଡର ତେଲକୁ ସ୍ପ୍ରେ ବୋତଲରେ ରଖି ମିଶାନ୍ତୁ । ଆପରଙ୍କ ଟୋନର ପ୍ରସ୍ତୁତ ହୋଇଗଲା । ଯଦି ଆପଣଙ୍କ ସ୍କିନର ଛିଦ୍ର ଖୋଲି ଗଲାଣି ତେବେ ଆପଣ ଏହାକୁ ସଫା କରିବାକୁ ଗୋଲାପର ଏହି ଟୋନର ବ୍ୟବହାର କରିପାରନ୍ତି । ଯଦି ସ୍କିନ ଅଧିକ ତୈଳଯୁକ୍ତ ହୋଇଥା, ତେବେ ସ୍କିନ ସଫା କରିବାକୁ ଏହା ଉପଯୁକ୍ତ ଅଟେ । ଏହା ବ୍ୟତୀତ ଯଦି ଆପଣଙ୍କ ସ୍କିନରେ ବ୍ରଣର ସମସ୍ୟା ରହିଛି ତେବେ ଏହାର ବ୍ୟବହାରରେ ବହୁତ ଉ ହେଲେ ଆପଣଙ୍କୁ ଗୋଲାପଜଳର ଆବଶ୍ୟକତା ରହିଛି । ଏଥିପାଇଁ ଆପଣ ୨୦ଟି ତୁଳସୀପତ୍ରକୁ ପେସି ତାର ରସ ବାହାର କରନ୍ତୁ । ତା ପରେ ୨୦୦ ଏମଏଲ ଗୋଲାପ ଜଳ ଓ ତୁଳସୀ ରସକୁ ମିଶାଇ ବୋତଲରେ ରଖନ୍ତୁ । ପ୍ରତ୍ୟେକ ଦିନ ଏହାକୁ ଦୁଇ ତିନି ଥର ଲଗାନ୍ତୁ । ଏଥିରେ ଆପଣଙ୍କ ଟୋନିଙ୍ଗ ମାସେ ମଧ୍ୟରେ ଦୂର ହୋଇଯିବ । ଏହା ସହିତ ସ୍କିନରେ ଚମକ ମଧ୍ୟ ଆସିବ ।

ଏହାକୁ ଲଗାଇବା ଦ୍ୱାରା ସ୍କିନ ସବୁବେଳେ ସତେଜ ରହେ । ଯଦି ଆପଣଙ୍କ ସ୍କିନ ଶୁଷ୍କ ଥାଏ ତେବେ ଆପଣ ଗୋଲାପ ଜଳର ବ୍ୟବହାର କରିପାରିବେ । ସେଥିପାଇଁ ଆପଣଙ୍କୁ ଦୁଇ ଚାମଚ ଗୋଲାପ ଜଳ, ଏକ ଚାମଚ ଗ୍ଲିସରିନ ଓ ଏକ ଚାମଚ ନଡ଼ିଆ ତେଲର ଆବଶ୍ୟକତା ରହିଛି । ଏହି ତିନୋଟି ଜିନିଷକୁ ମିଶାଇ ଏକ ବୋତଲରେ ରଖନ୍ତୁ । ସ୍କିନକୁ ଆଦ୍ରତା ଦେବା ପାଇଁ ହେଲେ ଦିନରେ ଦୁଇ ତିନି ଥର ଏହାକୁ ଚେହେରାରେ ନିଶ୍ଚିତ ଭାବରେ ଲଗାନ୍ତୁ । ଟୋନିଙ୍ଗ ଦୂର କରିବାକୁ ହେଲେ ଆପଣଙ୍କୁ ଗୋଲାପଜଳର ଆବଶ୍ୟକତା ରହିଛି । ଏଥିପାଇଁ ଆପଣ ୨୦ଟି ତୁଳସୀପତ୍ରକୁ ପେସି ତାର ରସ ବାହାର କରନ୍ତୁ ତ୍ା ପରେ ୨୦୦ ଏମଏଲ ଗୋଲାପ ଜଳ ଓ ତୁଳସୀ ରସକୁ ମିଶାଇ ବୋତଲରେ ରଖନ୍ତୁ । ପ୍ରତ୍ୟେକ ଦିନ ଏହାକୁ ଦୁଇ ତିନି ଥର ଲଗାନ୍ତୁ । ଏଥିରେ ଆପଣଙ୍କ ଟୋନିଙ୍ଗ ମାସେ ମଧ୍ୟରେ ଦୂର ହୋଇଯିବ । ଏହା ସହିତ ସ୍କିନରେ ଚମକ ମଧ୍ୟ ଆସିବ ।

ଶିକ୍ଷା ଦେଉଛି ଜାପାନ

ବୌଦ୍ଧ ଧର୍ମାବଲମ୍ବୀ ଜାପାନ ରାଷ୍ଟ୍ର ବିଶ୍ୱସ୍ତରରେ ସବୁବେଳେ ପ୍ରଶଂସାରେ ରହିଆସିଛି । ଶାନ୍ତିପ୍ରିୟ ଏଠାକାର ଲୋକେ ଜନସଂଖ୍ୟା, ଖାଦ୍ୟପାନୀୟ ଓ ସୁସ୍ଥତା ବାବଦରେ ଖୁବ ସଚେତନ । ଜାପାନରେ ଜନସଂଖ୍ୟା ସବୁବେଳେ ନିୟନ୍ତ୍ରଣରେ ରହିଆସିଥିବାବେଳେ ପ୍ରଦୂଷଣ ସେଠାରେ ୨%ରୁ କମ ସ୍ତରରେ ଥିବାର ଜଣାପଡ଼ିଛି । ସ୍ଥାନୀୟ ପ୍ରଶାସନର ପଦକ୍ଷେପକୁ ମଧ୍ୟ ପ୍ରଶଂସା କରାଯିବା ଉଚିତ । ପ୍ରମୁଖ ରାଷ୍ଟ୍ରମାନେ ଜଳ ସଙ୍କଟ ସମସ୍ୟାକୁ ନେଇ ଆଦୌ ସଚେତନ ନଥିବାବେଳେ ଜାପାନ କିନ୍ତୁ ୧୯୯୧ରୁ ପଦକ୍ଷେପ ନେବାକୁ ଆରମ୍ଭ କରିଛି । ସେଠାରେ ବର୍ଷା ହେଲେ ତାହାକୁ ବିଭିନ୍ନ ଉପାୟରେ ସଂରକ୍ଷିତ କରାଯାଇଥାଏ । ପରବର୍ତ୍ତୀ ସମୟରେ ସେଇ ପାଣିକୁ ରାସ୍ତାକଡ଼ ଗଛରେ ଦିଆଯିବା ସହ ରାସ୍ତାଘାଟ ସଫା ମଧ୍ୟ କରାଯାଇଥାଏ । ମିଳିଥିବା ତଥ୍ୟ ଅନୁସାରେ ଏଇ ପ୍ରୋଜେକ୍ଟ ଆରମ୍ଭ ଦିନରେ ସରକାର ୪୫-୭୫ କୋଟି ଟଙ୍କା ବ୍ୟୟ କରିଥିଲେ । ଏବେ ପର୍ଯ୍ୟନ୍ତ ଜାପାନର ପ୍ରତ୍ୟେକ ପ୍ରାନ୍ତରେ ଏଇ ବ୍ୟବସ୍ଥା ଖୁବ ସୁରୁଖୁରୁରେ ଚାଲୁଛି । ବିଶ୍ୱର ଅଗ୍ରଣୀ ରାଷ୍ଟ୍ରମାନଙ୍କୁ ଜାପାନ ସୁନ୍ଦର ଶିକ୍ଷା ଦେଉଛି କହିଲେ ଭୁଲ ହେବନି ।

ଅମୃତଭଣ୍ଡାର ଉପକାରିତା

ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ ସହିତ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ରହିଛି । ପାଚିଲା ଅମୃତଭଣ୍ଡା ସାଙ୍ଗରେ ବତୁରା ହୋଇଥିବା କିସମିସ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ । ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ । ପାଚିଲା ଅମୃତଭଣ

ଓଡ଼ିଶା ଷ୍ଟାର୍ଟଅପ୍ ଲିଡ଼ରର୍ ସ୍ୱୀକୃତି ହାସଲ୍ କଲା

ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଅଧିକ ୪ଟି ଇନ୍‌କ୍ୟୁବେଟର ଓ ୫ଟି ଷ୍ଟାଟଅପ୍‌ଙ୍କୁ ଆର୍ଥିକ ସହାୟତା

ସି.ଟି.ଆର.ଟି.ସି ଏବଂ ଜୀବ ବିଜ୍ଞାନ ପ୍ରତିଷ୍ଠାନଙ୍କୁ ନୋଡ଼ାଲ ଏଜେନ୍‌ସି ଭାବେ ସ୍ୱୀକୃତି

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଜାତୀୟ ସ୍ତରରେ ଓଡ଼ିଶା ଷ୍ଟାର୍ଟଅପ୍ ସ୍ୱୀକୃତି ହାସଲ କରିଛି । ୨୦୧୯ ମସିହା ପାଇଁ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ଷ୍ଟାର୍ଟଅପ୍ ରାନକିଙ୍ଗରେ ରାଜ୍ୟ ଏହି ସ୍ଥାନ ପାଇଛି । ଇତି ମଧ୍ୟରେ ରାଜ୍ୟରେ ଷ୍ଟାର୍ଟ୍‌ପ୍ ସଂଖ୍ୟା ୭୭୪କୁ ବୃଦ୍ଧି ପାଇଛି ଏବଂ ଏଥିରେ ୬୦୦୦ ଯୁବକ ଯୁବତୀ ମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଷ୍ଟାର୍ଟଅପ୍ କାଉନ୍‌ସିଲ୍ ବୈଠକରୁ ଏହା ଜଣା ପଡ଼ିଛି । ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟରେ ଷ୍ଟାର୍ଟଅପ୍ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଅଗ୍ରଗତି ସମୀକ୍ଷା କରି, ଲକ୍ଷ୍ୟଭିତିକ ସହଭାଗିତାଏବଂ ସହାୟତ୍ମକ ନିୟାମ୍ ମାଧ୍ୟମରେ ରାଜ୍ୟରେ ଷ୍ଟାଟ୍‌ଅପ୍ ଇକୋ ସିଷ୍ଟମ୍‌କୁ ଅଧିକ କ୍ରିୟାଶୀଳ ଓ ଫଳପ୍ରସୂ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଇନ୍‌କ୍ୟୁବେଟର ଏବଂ ଷ୍ଟାର୍ଟଅପ୍ ମାନଙ୍କ ମଧ୍ୟରେ ଲଗାତାର ଯୋଗାଯୋଗ ଏବଂ ସକ୍ରିୟ ସମ୍ପର୍କ ଉପରେ ଶ୍ରୀ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଥିଲେ । ବର୍ତମାନ ଇଡ୍‌କୋର ନିର୍ମାଣଧିନ ଜିରୋ-ହବ୍‌କୁ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଏକ ଉନ୍ନତ ଷ୍ଟାର୍ଟଅପ୍ ହବ୍ ଭାବେ ବିକଶିତ କରି ଏଥିରେ ପରୀକ୍ଷଣ ଓ ଉତ୍ପାଦ ବିକାଶ ନିମନ୍ତେ ସାଧାରଣ ସୁଯୋଗ ସୃଷ୍ଟି କରିବାକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ବୈଦ୍ଧିକ ସଂପତି ପଂଜୀକରଣ ଉପରେ ଗୁରୁତ୍ୱ ଆରୋପ କରି ଏଥି ନିମନ୍ତେ ଏକ ସହାୟକ ନିୟାମକ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଶ୍ରୀ ତ୍ରିପାଠୀ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଓଡ଼ିଶା ରାଜ୍ୟ କୌଶଳ ବକାଶ କର୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଏବଂ ମୁଖ୍ୟ ଶାନ ସଚିବ ଶ୍ରୀ ତ୍ରିପାଠୀ କଳାହାଣ୍ଡିଠାରେ କାର୍ଯ୍ୟରତ ଅମ୍ବିକା ଓ ସଦାନନ୍ଦ ଶତପଥି ନାମକ ଷ୍ଟାଟଅପ୍ ଦମ୍ପତିଙ୍କ ସହ ଡିଜିଟାଲ୍ ମୋଡ଼ରେ ଆଲୋଚନା କରିଥିଲେ । ଆଲୋଚନା ମାଧ୍ୟମରେ ସେମାନଙ୍କର ଅଗ୍ରଗତି ଏବଂ ସମସ୍ୟା ବିଷୟ ଜାଣି ସେମାନଙ୍କୁ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବାସ୍ତବବାଦୀ ପରାମର୍ଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ଜଣାଇଥିଲେ ଯେ, ୨୦୧୭ ଜୁନ୍ ମାସରେ ରାଜ୍ୟର ପ୍ରଥମ ଷ୍ଟାର୍ଟଅପ୍‌ଙ୍କୁ ସ୍ୱୀକୃତି ମିଳିଥିଲା । ବର୍ତମାନ ସୁଦ୍ଧା ରାଜ୍ୟରେ ଷ୍ଟାର୍ଟଅପ୍ ସଂଖ୍ୟା ୭୭୪କୁ ବୃଦ୍ଧି ପାଇଛି ଯେଉଁମାନଙ୍କ ମଧ୍ୟରେ ୨୫୦ ଜଣ ମହିଳା ଅଛନ୍ତି । ଇତି ମଧ୍ୟରେ ରାଜ୍ୟରେ ୧୭ଟି ଇନ୍‌କ୍ୟୁବେଟର, ୧୭ଟି ଅଣୁ କ୍ଷୁଦ୍ର ଶିଳ୍ପ ଇନ୍‌କ୍ୟୁବେଟର୍ ଏବଂ ୧୩ଟି ନୋଡ଼ାଲ ସଂସ୍ଥା କାର୍ଯ୍ୟ କରୁଛନ୍ତି । ୧୯୬ ଷ୍ଟାର୍ଟଅପ୍‌ଙ୍କୁ ପ୍ରାୟ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି । ଅଧିକ ୫ଟି ଷ୍ଟାର୍ଟଅପ୍ ଉଦ୍ୟୋଗ ଏବଂ ୪ଟି ଇନ୍‌କ୍ୟୁବେଟରଙ୍କୁ ଆର୍ଥିକ ସହାୟତା ପାଇଁ ଆସିଥିବା ପ୍ରସ୍ତାବ ଗୁଡ଼ିକର ବିଚାର କରାଯାଇ ସେଗୁଡ଼ିକୁ ସହାୟତା ନିମନ୍ତେ ବୈଠକରେ ନୀତିଗତ ନିଷ୍ପତି ହୋଇଥିଲା । ଏହି ସଂସ୍ଥାମାନେ ସମୁଦାୟ ୨.୮୮ କୋଟି ଟଙ୍କାର ବିଭିନ୍ନ ପ୍ରକାର ସହାୟତା ପାଇବେ । ଭୁବନେଶ୍ୱରସ୍ଥିତ ସେଂଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଂଟର ଓ ଜୀବନ ବିଜ୍ଞାନ ପ୍ରତିଷ୍ଠାମାନଙ୍କୁ ଷ୍ଟାଟଅପ୍ ନୋଡ଼ାଲ୍ ସଂସ୍ଥାଭାବେ ତାଲିକାଭୁକ୍ତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଅନୁମୋଦନ ଦେଇଥିଲେ । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ବିଜ୍ଞାନ ଓ ବୈଷୟିକ ଜ୍ଞାନ ପ୍ରମୁଖ ଶାସନ ସଚିବ ସନ୍ତୋଷ ଷଡ଼ଙ୍ଗୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ଶାସନ ସଚିବ ତଥା ଇଡ୍‌କୋର ଅଧ୍ୟକ୍ଷ ସଂଜୟ ସିଂ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ରଙ୍କ ସମେତ ଏସ.ଟି.ପି.ଆଇ ଏବଂ ଟାଏ ଭୁବନେଶ୍ୱରର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶ ଗ୍ରହଣ କରିଥିଲେ । ଷ୍ଟାର୍ଟଅପ୍ କାଉନ୍‌ସିଲ୍‌ର ଏଭାନ୍‌ଜେଲିଷ୍ଟ ପ୍ରଶାନ୍ତ ବିଶ୍ୱାଳ ଷ୍ଟାର୍ଟଅପ୍ ମାନଙ୍କ ବିଷୟରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନା କରିବା ସହ ବୈଠକର ସଂଯୋଜନା କରିଥିଲେ ।

ବାମନେଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା,୧୬।୧୧ (ନି.ପ୍ର): ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତର ସାଲୋ ଗ୍ରାମରେ ଥିବା ବାମନେଶ୍ୱର ମନ୍ଦିରରେ ପ୍ରତିବର୍ଷପରି ଏ ବର୍ଷ ମଧ୍ୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି । ଏହି ଯଜ୍ଞରେ କରୋନା ମହାମାରୀ ପାଇଁ ଜନ ସମାଗମ କରୋନା କଟକଣା ପାଇଁ ହୋଇନଥିଲା । ସରକାରୀ ନିୟମକୁ ମାନି ଅଳ୍ପ ବ୍ରତଧାରୀ ଯଜ୍ଞକୁ ଆସିଥିଲେ । ଯଜ୍ଞରେ ବସିଥିବା ବ୍ରତାଧାରୀ ଅର୍ଜୁନ ସାହୁ,ରଞ୍ଜିତ ସାହୁ,ମହେନ୍ଦ୍ର ମହାନ୍ତି, ଗୋପିନାଥ ଦାସ ଓ ପୂଜାରୀ ନରେନ୍ଦ୍ର ତିଆଡି,ଆଶିସ କୁମାର ତିଆଡି ସାମାଜିକ ଦୂରତା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ପାଳନ କରିଥିଲେ । ମହାମାରୀ କରୋନା ଆମ ସମାଜରୁ ଶୀଘ୍ର ଦୂରେଇଯିବା ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରି ଥିଲେ ।

କନ୍ଧମାଳ ଚାଇଲ୍ଡ ଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ

କନ୍ଧମାଳ,୧୬।୧୧ (ନି.ପ୍ର): କନ୍ଧମାଳ ଜିଲା ଗୋଛାପଡ଼ା ଠାରେ ଆଜି ଚାଇଲ୍ଡ ଲାଇନ ପକ୍ଷରୁ ଚାଇଲ୍ଡଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୋଭିଡ୍ ନିୟମ ଅନୁସାରେ ଶିଶୁ ମାନଙ୍କୁ ନେଇ ବାଲ୍ୟ ବିବାହ , ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଭିନ୍ନ ଖେଳ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରେ ପରେ ଶିଶୁମାନେ ଓ ଗୋଛାପଡ଼ା ଅଙ୍ଗନୱାଡ଼ି କର୍ମୀ ଲଳିତା ଦିଗାଲ , ଜାଶମିନ୍ କହଁର ଓ ସବିତା କହଁରଙ୍କ ମିଳିତଭାବେ ଥାନା ଅଧିକାରୀ ତୃପ୍ତି ରଂଜନ ନାୟକ, ଅତିରିକ୍ତ ଥାନା ଅଧିକାରୀ ଭାଗବତ ଦିଗାଲ ସମେତ ବହୁ ସ୍ୱେଚ୍ଛାସେବୀ ,ବୁଦ୍ଧଜୀବିଙ୍କୁ ସୁରକ୍ଷାର ଡ଼ୋରି ବାନ୍ଧିଥିଲେ । ଟିମ୍‌ର ସଦସ୍ୟ ଶିବ ଶଙ୍କର ବେହେରା, ସସ୍ମିତା କରଣ , ଦିଲ୍ଲିପ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଫୁଲବାଣୀରେ ଏବିଭିପି ଦ୍ୱାରା ଜନଜାତି ଗୌରବ ଦିବସ ପାଳିତ

କନ୍ଧମାଳ,୧୬।୧୧ (ନି.ପ୍ର): କନ୍ଧମାଳ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆଜି ଆଦିବାସୀ ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ଜୟନ୍ତି ପାଳନ ତଥା ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଫୁଲବାଣୀ ପେଟ୍ରୋଲଟାଙ୍କି ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିବା ବେଳେ ଏଥିରେ ଏବିଭିପିର ରାଜ୍ୟ ସଂପାଦକ ଶଶୀକାନ୍ତ , ରାଜ୍ୟ ସହ ସଂପାଦିକା କବିତା କହଁର, ଜିଲା ଛାତ୍ରୀ ପ୍ରମୁଖ ତଅପୋଇ କହଁର , ଫୁଲବାଣୀ ନଗର ସଂପଦାକ ଦିବ୍ୟ ରଂଜନ ଡ଼ାକୁଆ , ରାଜନନ୍ଦିନୀ ସାହାଣୀ, ସୁବ୍ରତ ବେହେରା, ରଜତ ମହାପାତ୍ର , କାଶିନାଥ ଗଣ୍ଡା ,ଜିଲା ପ୍ରମୁଖ ଶିବାଶିଷ ପଣ୍ଡା ,ଫୁଲବାଣୀ ନଗର ବିସ୍ଥାରକ ଟୁକୁନା ମଲିକ , ଟିକବାଲି ନଗର ସଂପଦାକ ଅମିତ୍ ବେହେରା, ରୁଦ୍ର ପ୍ରସାଦ ସେଠୀ ଓ ବହୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କର୍ମକର୍ତା ମାନେ ଯୋଗ ଦେଇଥିଲେ । ଏହି ଅବସରରେ କର୍ମକର୍ତା ମାନେ ବିର୍ସାମୁଣ୍ଡାଙ୍କ ଆଦର୍ଶକକୁ ନିଜ ଜୀବନରେ ମଧ୍ୟ ପ୍ରୟୋଗ କରିବା ପାଇଁ ସଂକଳ୍ପ ନେଇଥିଲେ ।

ଭିନ୍ନ ଢଙ୍ଗରେ ପାଳିଲେ ଦୀପାବଳୀ ଓ ଜନ୍ମଦିନ

ଖୋର୍ଦ୍ଧା,୧୬।୧୧ (ନି.ପ୍ର): ଭିନ୍ନ ଢଙ୍ଗରେ ଦୀପାବଳୀ ଓ ନିଜ ଜନ୍ମଦିବସକୁ ପାଳିଛନ୍ତି ସମାଜସେବୀ ରାଜେଶ କୁମାର ନାୟକ ଓ ମଞ୍ଜୁଲତା ନାୟକ । କରୋନା ସଚେତନତା ସହ ଅସହାୟ ବ୍ୟକ୍ତିବିଶେଷଙ୍କୁ ସହଯୋଗର ହାତ ବଢାଇଛନ୍ତି । ଜଗତ କଲ୍ୟାଣ ପାଇଁ ଏହି ପ୍ରକାର ଅଭିନବ ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିଛନ୍ତି । ମହିମା ସେବା ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ନାରାୟଣ ଖୁଂଟିଆ ତାଙ୍କୁ ଶୁଭଆଶୀଷ ଜଣାଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ଉଭୟ ସମାଜସେବୀ ।

ଫୁଲବାଣୀରେ ଦୀପ ଏବଂ ଆଲୋକ ସାଜସଜ୍ଜାରେ ଦୀପାବଳୀ ପାଳନ

ରିତିନୀତି ସହିତ ବିନା ଆଡମ୍ବରରେ ମା କାଳୀଙ୍କର ପୂଜା

କନ୍ଧମାଳ,୧୬।୧୧ (ନି.ପ୍ର): ଫୁଲବାଣୀରେ ଚଳିତ ବର୍ଷ ଦୀପାବଳୀ ପର୍ବ ପାଳନ କେବଳ ଦୀପ ଜଳାଇବା ସହିତ ଆଲୋକ ସାଜ ସଜ୍ଜାରେ ପାଳିତ ହୋଇଛି । ସେହିପରି ଫୁଲବାଣୀରେ ପ୍ରତି ବର୍ଷ ହେଉଥିବା ମା କାଳୀଙ୍କର ପୂଜା ମଧ୍ୟ କେବଳ ରିତିନୀତିରେ କରାଯାଇଥିବା ବେଳେ ଏହା ମଧ୍ୟ ବିନା ଆଡମ୍ବରରେ ପାଳନ କରାଯାଇଛି । ଚଳିତ ବର୍ଷ ସରକାର କୋଭିଡ କଟକଣା ଯୋଗୁଁ ବାଣ ଫୁଟାଇବା କିମ୍ବା ବିକ୍ରି କରିବାକୁ ବନ୍ଦ କରାଯିବା ନେଇ କଡା ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ଆନୁଷ୍ଠାନିକ ଭାବରେ ଚଳିତ ବର୍ଷ ଫୁଲବାଣୀ ଅଂଚଳରେ କୌଣସି ବାଣ ଦୋକାନ ଖୋଲାଯାଇ ନଥିଲା ଏବଂ ଲୋକେ ବାଣ ଫୁଟାଇବା ଦେଖିବାକୁ ମିଳି ନଥିଲା ସମଗ୍ର ସହରରେ କେବଳ ଦୀପ ମାନ ଜଳୁଥିବା ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା । ତେଣୁ ଏହି ପର୍ବକୁ ନିଆରା ଢଙ୍ଗରେ ପାଳିବାକୁ ନଦୀଖଣ୍ଡି ସାହିର ଯୁବକ ମାନେ ସେମାନଙ୍କର ମିଳିତ ଆୟୋଜନରେ ନିଜ ନିଜ ଅଂଚଳରେ ଥିବା ରାସ୍ତାର ଦୁଇ କଡରେ ସୁନ୍ଦର ଭାବରେ ଦୀପ ଜଳାଇବାସହିତ ସମସଗ୍ରରେ କେବଳ ଦୀପ ମାଳାରେ ସଜାଇ ହେବାରୁ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା । ସଂନ୍ଧ୍ୟାରେ ଶବ୍ଦ ଏବଂ ବାୟୁ ପ୍ରଦୂଷଣ ମୁକ୍ତ ପରିବେଷ ସାଙ୍ଗକୁ ଦୀପ ମାଳାରେ ସଜାଇ ହୋଇଥିବା ଦୃଶ୍ୟ ଯୋଗୁଁ ଅଲଗା ପରିବେଷ ସୃଷ୍ଟି ହୋଇଥିଲା । ସେହିପରି ଦୀପାବଳୀ ପର୍ବ ସାଙ୍ଗକୁ ମା କାଳୀଙ୍କର ପୂଜା ମଧ୍ୟ ଫୁଲବାଣୀ ଜଙ୍ଗଲ ବିଭାଗର କାର୍ଯ୍ୟାଳୟ ପରିଷରରେ ଥିବା ପୂଜା ମଣ୍ଡପରେ ମା କାଳୀଙ୍କର ମୃଣ୍ମୟୀ ମୂର୍ତୀ ନିର୍ମାଣ ହୋଇଛି । ସେଠାରେ ମଧ୍ୟ କୋଭିଡ ନିୟମ ଅନୁସାରେ ମା ଙ୍କ ପୂଜାର ଆୟୋଜନ କରାଯାଇଛି । କୋଭିଡ କଟକଣା ଯୋଗୁଁ ଭକ୍ତଙ୍କ ସମାଗମକୁ ବାରଣ କରାଯିବା ସହିତ କୌଣସି ସାଜସଜ୍ଜା ମଧ୍ୟ କରାଯାଇନାହିଁ । ମା ଙ୍କ ପୂଜାର ରିନୀତି ଅନୁସାରେ କରାଯାଇଛି । ପୁର୍ବ ବର୍ଷ ମାନଙ୍କ ଭଳି ସେଠାରେ ଭକ୍ତଙ୍କୁ ଆକର୍ଷିତ କଲାଭଳି କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ସାଜସଜ୍ଜା ମଧ୍ୟ କରାଯାଇ ନାହିଁ । ଫୁଲବାଣୀ ପିଅନପଡା ଠାରେ ଥିବା ଅନ୍ୟ ଏକ ମା ଙ୍କ ପୀଠ ପୁରାତନ ମା ଦକ୍ଷୀଣ କାଳିଙ୍କ ମନ୍ଦିରରେ ମଧ୍ୟ ମନ୍ଦିର ନିୟମ ଏବଂ ମା ଙ୍କ ବିଧିବିଧାନ ଅନୁସାରେ ପୂଜା କରାଯିବା ସହିତ ଭକ୍ତଙ୍କ ସମାଗମକୁ ବାରଣ କରାଯାଇଛି । ସେଥିପାଇଁ ଭକ୍ତ ମାନେ ନିରୁତ୍ସାହ ହୋଇଥିଲେ ହେଁ କୋଭିଡ ନିୟମ ଅନୁସାରେ ଏହି ପର୍ବକୁ ପାଳନ କରିଛନ୍ତି ।

ସମାଜସେବୀଙ୍କ ପକ୍ଷରୁ କିନ୍ନର ମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ

କେନ୍ଦ୍ରାପଡ଼ା,୧୬।୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର କଜଳା କଲେଜ ରୋଡ, ହାଲପୁର ଗଡା ଛକ ନିକଟରେ ରହୁଥିବା କିନ୍ନର ମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସମାଜସେବୀ ମାନସ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମାନେ ଏହି ବସ୍ତିରେ ରହୁଥିବା ପ୍ରାୟ ୨୫ଜଣ କିନ୍ନରଙ୍କୁ ଦୁଇ ମାସର ରାସନ ସାମଗ୍ରୀ ଓ ପନିପରିବା, ଡାଲି, ଚାଉଳ, ଚୁଡା, ସାନିଟାଇଜର, ମାସ୍କ ପ୍ରଭୃତି ବଣ୍ଟନ କରିଥିଲେ । କରୋନା କଟକଣା ପାଇଁ ରୋଜଗାର ହରାଇଥିବା ଏହି ସଂପ୍ରଦାୟର ବ୍ୟକ୍ତିମାନେ ଅସୁବିଧାରେ ଥିବା ଜଣାଇବା ପରେ ଏହି କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା । ବଣ୍ଟନ କାର୍ଯ୍ୟକ୍ରମରେ ଶିକ୍ଷକ ପାର୍ଥ ସାରଥୀ ବେହେରା, ସାମ୍ବାଦିକ ରଞ୍ଜନ କୁମାର ସାହୁ, ଅନିତା ମହାନ୍ତି, ଚାରୁଲତା ଭୂୟାଁ, ସମାଜସେବୀ ପ୍ରଫୁଲ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । କିନ୍ନର ସଂଘର ସଭାପତି ଏଲିନା ଦାସ, ସଂପାଦକ କୁମକୁମ ବାରିକ, ନିଲମ ଦାସ, ବର୍ଷା ସାହୁ, ଶାନ୍ତି ଦାସ ପ୍ରମୁଖ କିନ୍ନର ମାନେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି ।

ଆଲୋକର ପର୍ବ ଦୀପାବଳୀ ପାଳିତ

ନୂଆପଡା,୧୬।୧୧ (ନି.ପ୍ର): ନୂଆପଡା ଜିଲ୍ଲାର ସହରାଂଚଳ ଏବଂ ଗ୍ରାମାଂଚଳ ମାନଙ୍କରେ ଆଲୋକର ପର୍ବ ଦୀପାବଳୀ ଧୁମଧାମରେ ପାଳିତ ହୋଇଯାଇଛି । ପ୍ରତ୍ୟେକ ପରିବାର ପକ୍ଷରୁ ଘରର ଦ୍ୱାର ମୁହଁରେ ଝୋଟି, ଚିତା କାଟି ଏବଂ ଦୀପ ଜାଳି ମାଁ ଲକ୍ଷ୍ମୀଙ୍କୁ ଆବାହମାନ କରିଥିଲେ । ଏହା ସହ ଅନେକଙ୍କ ଘରେ, ଦୋକାନ ମାନଙ୍କରେ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ଲଗାଯାଇଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଦିଆନିଆ ହୋଇଥିଲା । ଚଳିତ ବର୍ଷ କୋଭିଡ କଟକଣା କାରଣରୁ ଫୋଟକା ଫୁଟଇବା ବାରଣ କରାଯାଇଥିଲା । ଫଳରେ ଲୋକଙ୍କ ମଧ୍ୟରେ ନିରାଶାଭାବ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଚଳିତ ବର୍ଷର ଦୀପାବଳୀରେ ଅ ଳରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିବା ବେଳେ କୌଣସି ଅଘଟଣ ଘଟିନଥିବା ଖବର ଲେଖା ହେବା ପର୍ଯ୍ୟନ୍ତ ଜଣାପଡିଛି ।

ଶାରଦୀୟ ବିଶେଷାଙ୍କ ବାଇଚଢେଇ ଉନ୍ମୋଚିତ



ବାସୁଦେବପୁର,୧୬।୧୧ (ନି.ପ୍ର): ବାସୁଦେବପୁର ସହରରେ ମିରାକିଲ ପବ୍ଲିକ ସ୍କୁଲ ପରିସରରେ ଶିଶୁ ସାହିତ୍ୟ ପତ୍ରିକା ବାଇଚଢେଇର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । କବି ସୁଦର୍ଶନ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦୁଃଶାସନ ରାଉତ ଯୋଗ ଦେଇଥିଲେ । ସମ୍ମାନ୍ନିତ ଅତିଥି ଭାବେ ଯୋଗ ଦେଇଥିଲେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ଭରତ ଚନ୍ଦ୍ର ଦାଶ, ସହିଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ପୂର୍ବତନ ବାସୁଦେବପୁର ବ୍ଲକ ଚେୟାରମ୍ୟାନ ନିର୍ମଳଚନ୍ଦ୍ର ବେହେରା । ପବିତ୍ର ଦିପାବଳୀ ଓ ଶିଶୁ ଦିବସ ଅବସରରେ ସମସ୍ତ ସାହିତ୍ୟିକ ବନ୍ଧୁ ଓ ଅତିଥି ସାହିତ୍ୟ ଓ କଳାସସ୍କୃତିର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ସଭାରେ କବି ଗୟାଧର ପାଢୀଙ୍କ ଜୀବନଗୀତ, ଦିବାକର ବେହେରାଙ୍କ ଗ୍ରାହସ୍ଥ୍ୟ ଧର୍ମ ଓ କବି ଧନଞ୍ଜୟ ମହାକୁଡଙ୍କ ଚାଲ ଜହ୍ନ ରାଇଜରେ କରିବା ଘର ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ସାହିତ୍ୟ ଉତ୍ସବରେ କବି କମଳାକାନ୍ତ କର , ନିରଞ୍ଜନ ବିଶ୍ୱାଳ, ସଦାନନ୍ଦ ପାଣିଗ୍ରାହୀ, ନିରଞ୍ଜନ ସେଠୀ, ସ୍ମୃତିରଞ୍ଜନ ପଳିତା, ସଞ୍ଜୟ ପଣ୍ଡା, ରଞ୍ଜନ ନାୟକ, କୈଳାସ ନାଥ, ସୁଦିପ୍ତା ସାହୁ, ସଂଯୁକ୍ତା ପତି, ପ୍ରହ୍ଲାଦ ମାହୁନ୍ତ, ପ୍ରଣୟ ମହାପାତ୍ର, ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ବାଇଚଢେଇର ସଂପାଦକ କବି ବିକାଶ ଶତପଥୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କବି ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଖଇରାରେ ବିଭିନ୍ନ ସ୍ଥାନରେ କାଳିପୂଜା ପାଳିତ

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ବିର୍ସାମୁଣ୍ଡା ଜୟନ୍ତୀ

ବାଲେଶ୍ୱର,୧୬।୧୧ (ନି.ପ୍ର): ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ଅମର ଶହୀଦ, ବିପ୍ଳବୀ ବୀର ବିର୍ସାମୁଣ୍ଡାଙ୍କ ୧୪୫ତମ ପୂଣ୍ୟ ଜୟନ୍ତୀ ସମାରୋହ ବାଲେଶ୍ୱର ସହରର ଗୋଡ଼ିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଏବଂ ଆଦିବାସୀ ମୂଳନିବାସୀ ସାମାଜିକ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜୀବନବୀମା କର୍ମଚାରୀ ନେତା ବାଇଧର ସିଂ ଅଧ୍ୟକ୍ଷତା କରିଥିଲେ । ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଚାଷୀ ମୂଲିଆ ସଂଘର ନେତା ଅରୁଣ ଜେନା, ନାରୀନେତ୍ରୀ ଶାନ୍ତିଲତା ଚାଟାର, ଆଦିବାସୀ ମହାସଭାର ମୁଖ୍ୟ ସୌମ୍ୟରଞ୍ଜନ ଆଢ଼୍ୟ, ବାମସେଫ ଜିଲ୍ଲା ସଭାପତି ସାଧୁଚରଣ ମଲ୍ଲିକ, ବର୍ଷିଆନ୍ ସମାଜସେବୀ ବେଣୁଧର ବାରିକ, ଗଗନ ସେଠୀ, ରାଜେନ୍ଦ୍ର ମାରଣ୍ଡୀ, ପୀର ମୁର୍ମୁ, ଗୀତା ମୁର୍ମୁ, ସୁମତି ବନ୍ଦ୍ରା ପ୍ରମୁଖ ଏଥିରେ ଯୋଗଦେଇ ଭାରତବର୍ଷ ମୁକ୍ତି ସଂଗ୍ରାମର ଅନ୍ୟତମ ଯୋଦ୍ଧା ବିର୍ସାମୁଣ୍ଡାଙ୍କ ଜୀବନାଦର୍ଶ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ଆଦିବାସୀ ନେତା ଧରତୀ ମା'ର ଶ୍ରେଷ୍ଠ ସନ୍ତାନ ବିର୍ସାମୁଣ୍ଡା ୧୮ ଶହ ଶତାବ୍ଦୀର ଶେଷପ୍ରାନ୍ତରେ ଛୋଟନାଗପୁର ଅଞ୍ଚଳରେ ମୁଣ୍ଡା ଓ ସାନ୍ତାଳ ସମ୍ପ୍ରଦାୟର ଯୁବକମାନଙ୍କୁ ସଂଗଠିତ କରି ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଗରିଲା ଯୁଦ୍ଧ କରି ବ୍ରିଟିଶ ଶାସନତନ୍ତ୍ରୀକୁ ଦୋହଲାଇ ଦେଇଥିଲେ । ତାଙ୍କର ରଣହୁଙ୍କାର ଥିଲା - "ଆବୁଆ ରାଜ ଏଟାଓ୍ୱାନା, ମହାରାଣୀ ରାଜ ତିଙ୍ଗୁଓ୍ୱାନା" - ଅର୍ଥାତ୍ ଆମ ମୁଲକରେ

ଆମର ଶାସନ ମହାରାଣୀ ଭିକ୍ଟୋରିଆଙ୍କ ଶାସନ ଚାଲିପାରିବ ନାହିଁ । ଆସନ୍ତୁ, ଆମେ ସଭିଏଁ ଜମି, ଜଳ, ଜଙ୍ଗଲ ଉପରେ ଚାଷୀ, ଆଦିବାସୀର ଅଧିକାର ପାଇଁ - ମାଟି ମାଆର ମୁକ୍ତି ପାଇଁ ଜୀବନ ଦେବା ।" ବିର୍ସାମୁଣ୍ଡା ଆଜି ନାହାନ୍ତି ସତ - ୧୮୭୫ରେ ଜନ୍ମଗ୍ରହଣ କରି ମାତ୍ର ୨୫ ବର୍ଷର ସାଲିସହୀନ ସଂଘର୍ଷମୟ ଜୀବନଯାପନ କରି ସେ ଯେଉଁ ଅସୀମ ତ୍ୟାଗ, ଅତୁଳନୀୟ ଦେଶପ୍ରେମ ତଥା ପ୍ରଚଣ୍ଡ ବଳିଦାନର ନଜିର ଆମ ସମ୍ମୁଖରେ ଛାଡ଼ି ଦେଇଯାଇଛନ୍ତି - ତାହା ଚିରକାଳ ଆମ ମୁକ୍ତି ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଶେଷରେ ଜଗନ୍ନାଥ ହେମ୍ବ୍ରମ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଗୋଡ଼ିପଦା ଓ ଶୋଭାରାମପୁର ଅଞ୍ଚଳର ବାସକରୁଥିବା ଆଦିବାସୀଙ୍କ ସମେତ ବହୁ ସାଧାରଣ ଲୋକେ ଏଥିରେ ଯୋଗ ଦେଇଥିଲେ ।

ବସ୍ତାରେ ଜାତୀୟ ପ୍ରେସ ଦିବସ ପାଳିତ

ବସ୍ତା,୧୬।୧୧ (ନି.ପ୍ର.) : ବସ୍ତା ପ୍ରେସ କ୍ଲବ ପକ୍ଷରୁ ରେଳଷ୍ଟେସନ ନିକଟ ନିଜସ୍ୱ ଗୃହରେ ସାମ୍ବାଦିକ ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା । ଏଥିରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ଆଞ୍ଚଳିକ ତଥା ସର୍ବଭାରତୀୟ ସ୍ତରରେ ଚିତ୍ର ସଂପର୍କରେ ବହୁବିଧ ଆଲୋଚନା ହୋଇଥିଲା । ଏତଦବ୍ୟତୀତ କରୋନା ମହାମାରୀ ସଂକଟ ବେଳେ ସାମ୍ବାଦିକମାନେ ଜୀବନକୁ ପାଣି ଛଡାଇ ଖବର ସଂଗ୍ରହ ବେଳେ ନାନା ସଂକଟରେ ସମ୍ମୁଖୀନ ହେବା ନେଇ ଆଲୋଚନା ହୋଇଥିଲା । ସଂପାଦକ ସଂଜୟ ସାମଲ, ଉପସଭାପତି ପୃଥୁନାଥ ମଣ୍ଡଳ, କୋଷାଧ୍ୟକ୍ଷ ଦୀପକ ପରିଡ଼ା, ହରିଶଙ୍କର ପାଣି, ଦେବାଶିଷ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅଫିସ ସଂପାଦକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଉ ୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୧୬।୧୧ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୧୫ଜଣ ଚିହ୍ନଟ ହୋଇଛନ୍ତି । ଆଜି ସୁଦ୍ଧା ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୭ ହଜାର ୬୭ । ଏମାନଙ୍କ ମଧ୍ୟରୁ ୬ହଜାର ୯୦୬ଜଣ ସୁସ୍ଥ ହୋଇ ସାରିଛନ୍ତି । ଆଜି ସୁଦ୍ଧା ମୋଟ ୧ଲକ୍ଷ ୫୧ ହଜାର ୮୪୫ଜଣଙ୍କ ନମୁନା ପରୀକ୍ଷା କରାଯାଇ ସାରିଛି । ଆଜି ଯେଉଁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେମାନେ ହେଲେ ଭଦ୍ରକ ବ୍ଲକର ଅର୍ଣ୍ଣପାଳ ପଞ୍ଚାୟତର ଜଣେ ଏବଂ କୋରକୋରା ପଞ୍ଚାୟତର ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ, ୧୩ ନଂ ୱାର୍ଡ ଓ ୧୭ ନଂ ୱାର୍ଡରୁ ଜଣେ ଜଣେ, ଚାନ୍ଦବାଲି ବ୍ଲକର ନୂଆଗାଁ ପଞ୍ଚାୟତରୁ ଜଣେ, ଧାମନଗର ଏନ୍ଏସିର ବନସାହି ଅଞ୍ଚଳରୁ ୮ଜଣ ଏବଂ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଞ୍ଚଳର ଜଣେ ଆକ୍ରାନ୍ତ ଭଦ୍ରକରୁ ଚିହ୍ନଟ ହୋଇଛନ୍ତି ।

ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ପାରାଦୀପ,୧୬।୧୧ (ନି.ପ୍ର): ପାରାଦୀପ ପ୍ରେସ ମିଡିଆ ପକ୍ଷରୁ ଜାତୀୟ ପ୍ରେସ ଦିବସ ଓ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ନୂଆବଜାର ସ୍ଥିତ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପର ପୁର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ୍ଦର ସିନିୟର ଓ୍ୱେଲ୍‌ଫେୟାର୍ ଅଫିସର୍ ନରୋଜ କୁମାର ପଟନାୟକ ଯୋଗ ଦେଇଥିଲେ । ଏହି ଅବସରରେ ସଂଘର ମୁଖପତ୍ର ମୁକ୍ତ ପୃଷ୍ଠା ଉନ୍ମୋଚନ ହୋଇଥିଲା । ଏହାସହ କୋଭିଡ୍ ମହାମାରୀରେ ପ୍ରାଣ ହରାଇଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଅମର ଆତ୍ମାର ସଦ୍‌ଗତୀ କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ବରିଷ୍ଠ ସାମ୍ବାଦିକ ତଥା ସଂଘର ଉପଦେଷ୍ଟା ଚିତରନ ସ୍ୱାଇଁ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପ୍ରେସ୍ ମିଡିଆର ସଭାପତି ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ପରିଡା, ଉପସଭାପତି ଅରୁଣ କୁମାର ଓଝା, ସାଧାରଣ ସଂପାଦକ ବଟକୃଷ୍ଣ ଦାସ, ସହସଂପାଦକ ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ, ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିଅନ୍ ପାରାଦୀପ ଶାଖା ସଭାପତି କର୍ମେଶ୍ୱର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଅଜିତ୍ କୁମାର ଦାସ, ରାକେଶ କୁମାର ପଟନାୟକ, ଭୃଗୁ ପ୍ରସାଦ ବେଉରା, ମନୋଜ କୁମାର ମହାନ୍ତି, ରଶ୍ମିରଂଜନ ରାଉତରାୟ, ସୁମନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଦିପକ କୁମାର ବାରିକ, ପର୍ଶୁରାମ ମନ୍ତ୍ରୀ, ବବ୍ରୁବାହାନ ରାଉତ, ଜ୍ଞାନରଂଜନ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ରାଉତଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ସାମ୍ବାଦିକ ଓ ବୁଦ୍ଧିଜିବୀ ଯୋଗଦେଇ ସାମ୍ବାଦିକ ମାନଙ୍କ କର୍ତବ୍ୟ ଓ କାର୍ଯ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ । ଏହାସହ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ସଭାରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଏଥିସହ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ଯେକୌଣସି ପରିସ୍ଥିତିରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ ।

ରାଜ୍ୟ ଫାର୍ମାସିଷ୍ଟମାନଙ୍କ କ୍ୟାଡର ପୁନଃଗଠନ ଦାବି

ବାରିପଦା ,୧୬।୧୧ (ନି.ପ୍ର): ଓଡିଶା ଫାର୍ମାସିଷ୍ଟ ସେବାସଂଘ ମୟୁରଭଂଜ ଜିଲ୍ଲାଶାଖା ତରଫରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲର ସମ୍ମିଳନୀ କକ୍ଷରେ କୋଭିଡ ନିୟମ ଅନୁସାରେ ଜିଲ୍ଲାସ୍ତରୀୟ ଫାର୍ମାସିଷ୍ଟ କୋଭିଡ ଯୋଦ୍ଧା ଶ୍ରଦ୍ଧାଳୀ ସଭା ଓ କାର୍ଯ୍ୟକାରୀଣୀ ବୈଠକ ଜିଲ୍ଲା ସଭାପତି ଚିନ୍ମୟ ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସହିଦ ହୋଇଥିବା କୋଭିଡ ଯୋଦ୍ଧା ସୁରେଶ ବିଶୋଇ, ଟି.ରବି ସୁବୁଦ୍ଧି, ଅଶୋକ ପାତ୍ର, ୱାଇ. ରାଜକୁମାର , ପ୍ରତାପ ଚନ୍ଦ୍ର ବେହେରା, ସନ୍ତୋଷ ସୋ ଙ୍କ ସ୍ମୃତିରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଫୋଟରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଳୀ ଅର୍ପଣ କରାଯାଇଥିଲା । ରାଜ୍ୟ ସଭାପତି ଶ୍ରୀ ଦିପ୍ତିରନ ସ୍ୱାଇଁ ଏହି ସଭାରେ ଯୋଗଦେଇ କୋଭିଡରେ ସହୀଦ ହୋଇଥିବା ଏହି ୬ଜଣଙ୍କ ପରିବାରକୁ ଯଥାଶିଘ୍ର ରାଜ୍ୟସରକାରଙ୍କ ତରଫରୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଏହାପରେ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ସାଧାରଣ ସମ୍ପାଦକ ଶ୍ରୀ ଶ୍ରୀକାନ୍ତ ଜେନା ଫାର୍ମାସିଷ୍ଟ ମାନଙ୍କ ବିଭିନ୍ନ ଦାବୀ ସମ୍ବନ୍ଧରେ ଆଲୋଚନା କରିଥିଲେ । ମୁଖ୍ୟତ ଫାର୍ମାସିଷ୍ଟ ମାନଙ୍କ ପଦୋନ୍ନତି ପୁର୍ବରୁ କ୍ୟାଡର ପୁନଃଗଠନ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପ୍ରସ୍ତାବ ଚିଠି ନ ୧୭୦୪୭ ତା-୩୧/୦୮/୧୯ ବିଭାଗରେ ପଡିରହିଥିବାରୁ ଯଥାଶିଘ୍ର କାର୍ଯ୍ୟକରିବା ଏବଂ ଆର.ବି.ଏସ.କେ ଓ ଏମଏଚୟୁ ଯୋଜନାରେ ୧୬ ବର୍ଷରୁ ଅଧିକ କାମ କରିଆସୁଥିବା ଫାର୍ମାସିଷ୍ଟ ମାନଙ୍କୁ ତୁରନ୍ତ ନିୟାମିତ କରିବା ନେଇ ସରକାରଙ୍କ ଠାରେ ଦାବୀ କରାଯାଇଅଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚଳିତ ମାସରେ ସରକାର ସେମାନଙ୍କୁ ନିୟମିତ ନକରି ୨୦୧୯ କ୍ୟାଡର ରୁଲକୁ ସଂଶୋଧିତ କରି ୨୦୨୦ କ୍ୟାଡର ରୁଲ ପ୍ରଚଳନ କରି ସେମାନଙ୍କୁ ନିୟମିତ କରାଯିବାରୁ ବାଦ ଦିଆଯାଇଥିବାରୁ ବୈଠକରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ଏବଂ ସେମାନଙ୍କୁ ତୁରନ୍ତ ନିୟୋମିତ କରିବା ପାଇଁ ସରକାରଙ୍କ ଠାରେ ଦାବୀ କରାଗଲା । ବୈଠକରେ ଢେଙ୍କାନାଳ ଜିଲ୍ଲାର ସମ୍ପାଦକ ଅନିଲ କୁମାର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅନ୍ତୁ ମୁର୍ମୁ, ଏବଂ ଜିଲ୍ଲା ସମ୍ପାଦକ ତୁଷାର କାନ୍ତ ବେହେରା, ଫାର୍ମାସିଷ୍ଟ ମାନେ ଦୀର୍ଘ ୪୦ ବର୍ଷ ପାଖାପାଖି କାର୍ଯ୍ୟକରିଥିଲେ ମଧ୍ୟ ପୋଦନ୍ନତି ପାଇପାରିନାହାନ୍ତି କିନ୍ତୁ ଅନ୍ୟ ପାରାମେଡିକାଲ କର୍ମଚାରୀ ମାନେ ଯୁଗ୍ମ ନିର୍ଦ୍ଦେଶକ ପର୍ଯ୍ୟନ୍ତ ପଦୋନ୍ନତି ପାଉଛନ୍ତି । ଏଣୁ ଦରକାରପଡିଲେ ଦାବୀ ହାସଲ ପାଇଁ ଆନ୍ଦଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ । ସରକାର ତୁରନ୍ତ ୨୦୧୩ବିକୃତ କ୍ୟାଡରକୁ ପୁନଃଗଠନ କରି ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ କମିଟି ଷ୍ଟାଫନର୍ସଙ୍କ ପରି ଫାର୍ମାସିଷ୍ଟ, କ୍ୟାଡର ପୁନଃଗଠନ ସୁପାରିଶକୁ କାର୍ଯ୍ୟକରିବା ପାଇଁ ଦାବୀ କରାଯାଇଥିଲା । ଶେଷରେ କୋଷାଧ୍ୟକ୍ଷ ଶୁଶାନ୍ତ କୁମାର ବାଗ ଧନ୍ୟବାଦ ଅର୍ପଣ କରି ସଭାଶେଷ କରିଥିଲେ । ଏହି ବୈଠକୁ ଗଣେଶ୍ୱର ବସା,ସୀମା ସେଠୀ, ଯୋଶବନ୍ତ ବେହେରା, ସମୀର ପାତ୍ର,ଅଜିତ ଦାଶ, ବନଲତା ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲା ମୁଖ୍ୟ କାରାଗାରରେ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୬।୧୧ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓମେନ୍ ଅର୍ଗାନାଇଜେସନ ଫର ସୋସିଆଲ ଓ୍ୱେଲଫେୟାର' ଓ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ବାଲେଶ୍ୱର ଶାଖାର ମିଳିତ ସହଯୋଗରେ ଜିଲ୍ଲା କାରଗାରରେ ଏକ ସଚେତନତା କାର୍ଯ୍ୟକମ ଆଜି ଅନୁଷ୍ଠିତ ହୋଇଯାଇଛି । ରେମୁଣା ବ୍ଲକ ଚେୟାରମ୍ୟାନ୍ ସୁଶାନ୍ତ ପଟ୍ଟନାୟକ ଏଥିରେ ଅତିଥି ଭାବେ ଯୋଗଦେଇ କାରଗାରରେ ଜୀବନ ବିତାଉଥିବା ବ୍ୟକ୍ତିମାନଙ୍କର ମାନସିକ ପରିବର୍ତ୍ତନରେ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହୋଇଛି ବୋଲି କହିଥିଲେ । ବିଶେଷ କରି ଏହି ଦୁଇ ଅନୁଷ୍ଠାନଙ୍କ କାର୍ଯ୍ୟଧାରା ବେଶ ପ୍ରଶଂସନୀୟ ବୋଲି ସେ ପ୍ରକାଶ କରିଥିଲେ । 'ଓମେନ୍ ଅର୍ଗାନାଇଜେସନ ଫର ସୋସିଆଲ ଓ୍ୱେଲଫେୟାର'ର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ, ଜିଲ୍ଲା ସଂଯୋଜକ ମହେଶ ପ୍ରସାଦ ଦାସ, ସମାଜସେବୀ ନିହାରିକା ପଟ୍ଟନାୟକ, ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦିକା ଭାରତୀ ପଣ୍ଡା, ଟାଉନ ପ୍ରେସିଡେଣ୍ଟ ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ଏଥିରେ ଯୋଗଦେଇ କାରଗାର ମହିଳା ଅନ୍ତେବାସୀମାନଙ୍କୁ କରୋନା ପ୍ରତିଷେଧକ ସମ୍ପର୍କରେ ସଚେତନ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ସାନିଟାଇଜର ଓ ମାସ୍କ ବଣ୍ଟନ କରାଯାଇଥିଲା । ଏଥି ସହିତ ସେମାନଙ୍କୁ ଦୀପାବଳି ପାଇଁ ଶାଢ଼ୀ, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । କେବଳ ବାଲେଶ୍ୱର ଜିଲ୍ଲା କାରଗାର ନୁହେଁ ବରଂ ରାଜ୍ୟର ବିଭିନ୍ନ ଜେଲରେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଲକ୍ଷ୍ୟ ରହିଛି ବୋଲି ଦୁଇ ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । ବିଶେଷ କରି ଜେଲରେ ଜୀବନ ବିତାଉଥିବା କଏଦୀଙ୍କୁ ଘୃଣା ନକରି ସେମାନଙ୍କର ପରିବର୍ତ୍ତନ ପାଇଁ ସବୁ ମହଲରୁ ପ୍ରୟାସ କରିବା ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ବାଲେଶ୍ୱର ସଦର ଆବାହକ ବୀରେନ୍ଦ୍ର ଶର୍ମା, ପ୍ରସନ୍ନଜିତ୍ ଦେ, କୁମାରେଶ ଗୁପ୍ତା ଓ ରଜ୍ଜିଣୀ ପଣ୍ଡା ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସହ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଏହିଭଳି ସମାଜସେବା କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦେଇଥିଲେ । ଜିଲ୍ଲା ମୁଖ୍ୟ କାରାଗାର ଅଧୀକ୍ଷକ ସୁଦୀପ କୁମାର ରାଉଳ ଓ ଜେଲର ଦୀପ୍ତିମୟୀ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଦୁଇ ସଂଗଠନଙ୍କ ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ପଡୋଶୀ ଛତିଶଗଡ଼ରୁ ...

ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବରଗଡ଼, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ରଲେଖି ବେନିୟମ ଧାନବିକ୍ରିକୁ ରୋକିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ କୁହାଯାଇଛି । ଖରିଫ୍ ଧାନ ସଂଗ୍ରହ କେବଳ ନାମ ପଂଜୀକରଣ କରିଥିବା ଚାଷୀଙ୍କଠାରୁ ଆଗୁଆ ଟୋକେନ ପ୍ରଦାନ ମାଧ୍ୟମରେ କରିବା ପାଇଁ କୁହାଯାଇଛି । ପଡ଼ଶୀ ରାଜ୍ୟରୁ ବେଆଇନ ଧାନ ଯେପରି ଜିଲ୍ଲାର ଧାନସଂଗ୍ରହ କେନ୍ଦ୍ର ମଧ୍ୟକୁ ପ୍ରବେଶ ନକରି ପାରିବ ସେଥି ପ୍ରତି ଦୃଷ୍ଟି ଦେବା ସହିତ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ନିମନ୍ତେ ଜିଲ୍ଲାସ୍ତରରେ ଏବଂ ସବ୍‌ଡିଭିଜନ୍ ସ୍ତରରେ ସ୍କ୍ୱାଡ ଗଠନ କରି ଧାନ ଚାଲାଣର ନିୟମିତ ଯା ଂଚ କରିବା ପାଇଁ କୁହାଯାଇଛି । ଏଥି ସହିତ ଅସାଧୁ ଧାନ ବେପାରୀ ଓ ମିଲରଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି । ଧାନ କେବଳ ପ୍ରକୃତ ରେଜିଷ୍ଟ୍ରିଭୁକ୍ତ ଚାଷୀଙ୍କଠାରୁ କିଣାଯିବ ଏବଂ ଧାନ ବିକ୍ରିର ସର୍ବନିମ୍ନ ସହାୟକ ମୂଲ୍ୟର ସୁଫଳ ଯେପରି ପ୍ରକୃତ ଚାଷୀ ପାଆନ୍ତି ସେଥିପ୍ରତି ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

୨୦୨୦-୨୦୨୧ ଖରିଫ୍ ...

ସମିତି,ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ,ମିଲର ଓ ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତାଙ୍କର ଗୁରୁଦାୟିତ୍ୱ ରହିଛି । ଧାନ ସଂଗ୍ରହର ଯଥେଷ୍ଟ ପୂର୍ବରୁ ପ୍ରତି ପଂଚାୟତ,ଗାଁରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଚାଷୀମାନଙ୍କୁ ଅବଗତ କରେଇବା ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ୨୦୨୦-୨୦୨୧ ବର୍ଷ ନିମନ୍ତେ ଜାନୁୟାରୀ ୫ ତାରିଖ ମଙ୍ଗଳବାର ଦିନଠାରୁ ଧାନ ସଂଗ୍ରହ ନିମନ୍ତେ ବୈଠକରେ ସ୍ଥିର କରାଗଲା । ଏହି ବୈଠକରେ ଯୋଗଦେଇ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ବିବେକାନନ୍ଦ କୋରକରା କହିଲେ ଜିଲ୍ଲାରେ ସିଭିଲ ସପ୍ଲାଇ କରପୋରେସନ ମାଧ୍ୟମରେ ଧାନ କିଣା ବିକା କରାଯିବ । ଚଳିତ ବର୍ଷ ୮୫,୨୯୪.୧୧୭ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି । ୧୦୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନ ସଂଗ୍ରହ କରାଯିବ । ସାଧାରଣ ଏଫ୍.ଏ.କ୍ୟୁ ଧାନ କ୍ୟୁଇଣାଲ ପ୍ରତି ମୂଲ୍ୟ ୧୮୬୮ ଟଙ୍କା ଧାର୍ଯ୍ୟ

ମଙ୍ଗଳବାର,୧୭ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୨୦୨୦-୨୦୨୧ ଖରିଫ୍ ବର୍ଷର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଜଗତସିଂହପୁର,୧୬।୧୧ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଯୋଗଦେଇ ଜଳସଂପଦ,ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଲେ ଚଳିତ ବର୍ଷ ଧାନ ସଂଗ୍ରହ କରିବା ପାଇଁ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଚାଷୀକୂଳ ଯେପରି ସୂଚାରୁ ରୁପେ ଧାନ ଦେଇ ତାର ପ୍ରାପ୍ୟ ପାଇ ପାରିବେ । ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ । ସମସ୍ତ କାର୍ଯ୍ୟକୁ ସଠିକ ଓ ତ୍ରୁଟିଶୂନ୍ୟ ଭାବରେ କାର୍ଯ୍ୟ କରିବାକୁ ସେ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଯୋଗଦେଇ ସାଂସଦ ଡା.ରାଜଶ୍ରୀ ମଲ୍ଲିକ କହିଲେ ଜଗତସିଂହପୁର ଜିଲ୍ଲାରେ ୮୦ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର । ସ୍ୱଚ୍ଛତାର ସହ ସମସ୍ତ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ମିଶ୍ର କହିଲେ ଧାନ ସଂଗ୍ରହ ବ୍ୟବସ୍ଥାର ପ୍ରସ୍ତୁତି ପୂର୍ବକ ସମୀକ୍ଷା କରି ଯଥା ସମ୍ଭବ ପଦକ୍ଷେପ ନେବା ପାଇଁ ଆଜି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । କୋଭିଡ୍ ସଂକ୍ରମଣ ଦୃଷ୍ଟିରୁ ଧାନ ସଂଗ୍ରହ ସମୟରେ ସାମାଜିକ ଦୂରତା ବଜାୟ ରଖିବା,ମାସ୍କ ପରିଧାନ କରିବା, ସାନିଟାଇଜର ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି । ଆମ ଜିଲ୍ଲାରେ ମିଲରମାନେ କମ ସଂଖ୍ୟାରେ ଥିବାରୁ ଅନ୍ୟ ଜିଲ୍ଲାରୁ ମିଲର ମାନଙ୍କୁ ଧାନ ସଂଗ୍ରହରେ ସାମିଲ କରାଯିବ ଏବଂ ଧାନ ସଂଗ୍ରହ ସମୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ମିଲରମାନେ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ,ପ୍ରାଥମିକ କୃଷି ସମବାୟ ▶▶ପୃଷ୍ଠା ୭

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ପ୍ରେସ ଦିବସ

ବାଲେଶ୍ୱର,୧୬।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ 'ଜାତୀୟ ପ୍ରେସ ଦିବସ-୨୦୨୦'କୋଭିଡ କଟକଣା ପାଇଁ "ୱେବିନାର" ଆୟୋଜନ ମାଧ୍ୟମରେ ଆଜି ପାଳିତ ହୋଇଯାଇଛି । ଭର୍ଚୁଆଲ ମୋଡରେ ଗଣମାଧ୍ୟମ ପ୍ରତିନିଧିମାନେ ଏହି ୱେବିନାରରେ ଅଂଶଗ୍ରହଣ କରିଥିବା ବେଳେ ସ୍ଥାନୀୟ ଓସୱାନ ହଲରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ଡିଆରଡିଏ ଏପିଡି ନୀଲୁ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ରହି ଜାତୀୟ ପ୍ରେସ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଚଳିତ ବର୍ଷର ବିଷୟ "କୋଭିଡ୍-୧୯ ମହାମାରୀ ସମୟରେ ଗଣମାଧ୍ୟମର ଭୂମିକା ଏବଂ ଗଣମାଧ୍ୟମ ଉପରେ ଏହାର ପ୍ରଭାବ" ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ ଜିଲ୍ଲାରେ ସାମ୍ବାଦିକତା ବୃତ୍ତି ସହ ଜଡିତ ଥାଇ ପ୍ରାଣ ହରାଇଥିବା ବିଜୟଲକ୍ଷ୍ମୀ ମହାନ୍ତି, ସୋଲୋମାନ ସାହୁ, ରତ୍ନାକର ବେହେରା, ତାରିଣୀ ପାଢୀ ଓ ରାଧେଶ୍ୟାମ ଶର୍ମାଙ୍କ ସମେତ ରାଜ୍ୟ ତଥା ଦେଶର ଅନ୍ୟାନ୍ୟ ଦିବଙ୍ଗତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ନିଜ ବକ୍ତବ୍ୟରେ ଜିଲ୍ଲାରେ କୋଭିଡ ମୁକାବିଲା କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ । କୋଭିଡ-୧୯ ମହାମାରୀ ବିପଦ ଏବେ ଟଳି ନ ଥିବା ବେଳେ ଆଗକୁ ମଧ୍ୟ ସାମ୍ବାଦିକଙ୍କର ପ୍ରଶାସନ ପ୍ରତି ସହଯୋଗ ରହିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏବଂ ଏପିଡି ଶ୍ରୀ ମହାପାତ୍ର ଆଶାପ୍ରକଟ କରିଥିଲେ । ଏହି ୱେବିନାରରେ ଗଣମାଧ୍ୟମ ପ୍ରତିନିଧି ଶିବଦାସ କୁଣ୍ଡୁ, ବ୍ରହ୍ମାନନ୍ଦ ସ୍ୱାଇଁ, ଉବାଚକ ମହାନ୍ତି, ଅଭୟ ଦାସ, ରାଜକିଶୋର ବେହେରା, ଲୋକନାଥ ପିରି, ମନୋଜ ରାଉଳ, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଡ଼ିହୋଇ ନିଜ ନିଜ ବକ୍ତବ୍ୟ ରଖିବା ସହିତ କୋଭିଡ-୧୯ ମହାମାରୀ ସମୟରେ ଗଣମାଧ୍ୟମ କିଭଳି ନିଜ ଦାୟିତ୍ୱ ନିର୍ବାହ କରିଛି, ଗଣମାଧ୍ୟମ ଉପରେ ଏହାର କଣ ପ୍ରଭାବ ପଡିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ସହିତ ସମ୍ବାଦ ପାଇଁ ତଥ୍ୟ ପ୍ରଦାନରେ ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ଅବହେଳା ସମ୍ପର୍କରେ ସାମ୍ବାଦିକମାନେ ଆରୋପ ଉଠାଇଥିଲେ । ଏ ଦିଗରେ ସମସ୍ତେ ପ୍ରଶାସନର ସହଯୋଗ ଆଶା କରିଥିଲେ । ସିଏମଜିଆଇ କୋ-ଅର୍ଡିନେଟର ଅପୂର୍ବ ରାୟ ୱେବିନାର ଆୟୋଜନ ପାଇଁ ବୈଷୟିକ ସହାୟତା ଯୋଗାଇ ଦେଇଥିବା ବେଳେ ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

ନୀଳଗିରିକୁ ପ୍ରବେଶ କଲେ ୪୨ରୁ ଉର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ: ଆତଙ୍କିତ ବନାଂଚଳବାସୀ

ନୀଳଗିରି ,୧୬।୧୧ (ନି.ପ୍ର): ପ୍ରତିବର୍ଷ ଭଳି ଦୀର୍ଘ ୧୦ବର୍ଷ ଧରି ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଦଲମା ହାତୀ ପଲ ନୀଳଗିରିକୁ ପ୍ରବେଶ କରି ବହୁ ଧନ ଜୀବନ ନଷ୍ଟ କରିଥିବା ବେଳେ ଏକର ଧାନ ଫସଲକୁ ନଷ୍ଟ କରିଥାନ୍ତି । ଚଳିତ ବର୍ଷ ଗତ ରବିବାର ଭୋର ୫ଟା ସମୟରେ କାଠପାଳ ସ୍ଥିତସୋନନଦୀ ପାର ହୋଇ ପ୍ରାୟ ୪୨ରୁ ଉର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀପଲ ଅଯୋଧ୍ୟା ଗୋପାଳପୁର ଜଙ୍ଗଲଷର ପ୍ରବେଶ କରିଛନ୍ତି । ପ୍ରବେଶ ସମୟରେ ବହୁ ଧାନ ଫସଲ ନଷ୍ଟ କରିଥିବାର ଦେଖିବାକୁ ମିଳିଛି । ନୀଳଗିରିକୁ ପ୍ରବେଶ ପୂର୍ବରୁ ନୀଳଗିରି ରେଞ୍ଜର ମନଓ୍ୱାର ଖାଁଙ୍କ ନେତୃତ୍ୱରେ ଏକ ଟିମ୍ ଓ କୁଲଡିହା ରେଞ୍ଜର ବିଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍‌ରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଫରେଷ୍ଟର, ଫରେଷ୍ଟଗାଁ, ସବୁଜବାହିନୀ ହାତୀ ପଲର ଗତିବିଧି ଉପରେ ନଜର ରଖିଛନ୍ତି । ତେବେ ଆସିଥିବା ୪୨ଟି ହାତୀ ମଧ୍ୟରୁ ୭ଟି ଛୁଆହାତୀ ଥିବା ବେଳେ ୫ଟି ଦନ୍ତା ଅଛନ୍ତି । ବନାଂଚଳବାସୀଙ୍କ ଧନ ଜୀବନ ଯେପରି ନଷ୍ଟ ନହେବ ସେଥିପ୍ରତି ଉଭୟ ବନ ବିଭାଗ ସଜାଗ ଥିବାର ସୂଚନା ଦେଇଛନ୍ତି ।ପୁଣି ୬୦ଟି ଝାଡ଼ଖଣ୍ଡ ହାତୀ ନୀଳଗିରି ମୁହାଁ ହୋଇଥିବାର ଜଣାପଡିବା ପରେ ବନ ବିଭାଗ ଯେତିକି ଚିନ୍ତିତ ଅଛି ତାଠୁ ବେସି ଚିନ୍ତିତ ଅଛନ୍ତି ବନାଂଚଳବାସୀ । ଘଟଣାସ୍ଥଳରେ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ଡି.ଏଫ.ଓ. ବିଶ୍ୱରାଜ ପଣ୍ଡା ଏବଂ ନୀଳଗିରି ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବେଆଇନ୍ ଚାଳନା ହେଉଥିବା ୬ଟି ବାଲି ଟ୍ରାକ୍ଟର ଜବତ୍

ଜଳେଶ୍ୱର,୧୬।୧୧ (ନି.ପ୍ର): ଗତ କିଛିଦିନ ଧରି ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବେଆଇନ୍ ବାଲି ଚାଳାଣ ହେଉଛି । ଦିନଠାରୁ ରାତିରେ ଏହି କାରବାର ଅଧିକ ଚାଲୁଥିଲେ ହେଁ କର୍ତ୍ତୃପକ୍ଷ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହାନ୍ତି । ଆଜି ଜଳେଶ୍ୱର ତହସିଲ ପକ୍ଷରୁ ୨ଟି ଚୋରା ବାଲି ଚାଳାଣ ଟ୍ରାକ୍ଟର ଜବତ୍ ହୋଇଥିବା ବେଳେ ପୁଲିସ୍ ପକ୍ଷରୁ ୪ଟି ବାଲି ଟ୍ରାକ୍ଟର ଜବତ୍ କରାଯାଇଛି । ଏଥିରୁ ୨ଟି ତହସିଲରେ ଓ ଅନ୍ୟ ୪ଟି ଥାନାରେ ଥିବାର ଜଣାଯାଇଛି । ପ୍ରକାଶଯୋଗ୍ୟ ଟ୍ରାକ୍ଟରଗୁଡିକରେ ୨ଟି ନମ୍ବର ପ୍ଲେଟ ଲାଗିବାକୁଥିବା ବେଳେ ଶତାଧିକ ଟ୍ରାକ୍ଟର ଗୁଡିକରେ ଗୋଟିଏ ହେଲେ ନମ୍ବର ନାହିଁ । ଅନ୍ୟପକ୍ଷରେ ବାଲି ନେଉଥିବା ବେଳେ ସରକାରୀ କାଗତପତ୍ର ନ ଥିବାରୁ ଏଥିଲାଗି ଅଧିକ ଧରପଗଡ ହେଉଛି ।

ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ଗଣଧାରଣା

ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ବର୍ଦ୍ଧିତ ରାଶି ପ୍ରଦାନ ଦାବି

ବାଲେଶ୍ୱର,୧୬।୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ ପକ୍ଷରୁ ଆଜି ରାଜ୍ୟବ୍ୟାପୀ ଧାରଣା ଓ ବିକ୍ଷୋଭ ଆୟୋଜିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି । ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ, ବାଲେଶ୍ୱର ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ଆଜି ଜିଲ୍ଲା ମୁଖ୍ୟ ଡାକ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦେଇଥିଲେ । ଏଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଇଂଜିନିୟର ଅନାଦୀ ଚରଣ ବେହେରା, ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକ ସଂଗଠନ ଏଆଇଟିୟୁସି ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ପ୍ରମୁଖ ଏଥିରେ ଯୋଗଦେଇ ଇପିଏଫ ପେନସନଭୋଗୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ । ସରକାରୀ କର୍ମଚାରୀଙ୍କ ଭଳି ଇପିଏଫଭୁକ୍ତ କର୍ମଚାରୀମାନେ ମଧ୍ୟ ଦେଶ ଗଠନରେ ସହାୟକ ହୋଇଥିଲେ ବି ବେସରକାରୀ ସଂସ୍ଥାରୁ ଅବସର ନେଇଥିବା କର୍ମଚାରୀଙ୍କ ପ୍ରତି ସରକାର ସର୍ବଦା ଉଦାସୀନତା ପ୍ରଦର୍ଶନ କରି ଆସିଛନ୍ତି ବୋଲି ସେମାନେ ଆରୋପ ଉଠାଇଥିଲେ । ଇପିଏଫ ପେନସନଭୋଗୀଙ୍କୁ ଅବସର ସମୟର ଦରମା ଭିତ୍ତିରେ ପେନସନ ଦେବା ପାଇଁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ କେରଳ ତଥା ଅନ୍ୟାନ୍ୟ ରାଜ୍ୟର ସରକାର କାର୍ଯ୍ୟକାରୀ କରିଥିଲେ ବି ଓଡ଼ିଶାରେ ଏହାର ବ୍ୟତିକ୍ରମ ହୋଇଛି । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପେନସନ ସହିତ ପ୍ରତିବର୍ଷ ମହଙ୍ଗା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଇପିଏଫ ପେନସନ ଭୋଗୀ ଏଥିରୁ ବଞ୍ଚିତ ହେଉଛନ୍ତି । ଇପିଏଫ ପେନସନଭୋଗୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ପୂର୍ବକ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ବର୍ଦ୍ଧିତ ରାଶି ପ୍ରଦାନ କରିବା, ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା, ସମସ୍ତଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ ଆଦି ପାଇଁ ବକ୍ତାମାନେ ଦାବି କରିଥିଲେ । ନତୁବା ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ । ନିତ୍ୟାନନ୍ଦ ନାଥ, ସନ୍ୟାସୀ ବେହେରା, ସାବିତ୍ରୀ ବିଶ୍ୱାଳ, ଦୟାନିଧି ମହଲ, ରତ୍ନାକର ପଣ୍ଡା, ନଟବର ଦେ, ଡମ୍ବରୁଧର ମଲ୍ଲିକ, ଦୁର୍ଯ୍ୟୋଧନ ରଣା, ଅତୁଲ କୁମାର ପରିଡ଼ା, ରଜତ କୁମାର କର, ବୀରେନ୍ଦ୍ର ଘଡ଼ାଇ, ପ୍ରତିମା ବେହେରା, ପାର୍ବତୀ ସ', ଭାଗୀରଥି ସାମଲ, ଶରତ ଚନ୍ଦ୍ର ଦଳାଇ, ମହେଶ୍ୱର ରାଉତ, ମନଓ୍ୱର ଅଲ୍ଲୀ ଖାଁ, କରୁଣାକର ବେହେରା, ବିଶ୍ୱଜିତ୍ ତାଲ୍‌ଦି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

୩ୟ ଦିନରେ ରାଜ୍ ରାଜେଶ୍ୱରୀ ବେଶରେ ପୂଜା ପାଇଲେ ମା' ଭଦ୍ରକାଳୀ



ଭଦ୍ରକ,୧୬।୧୧ (ନି.ପ୍ର):ଜଗତ ଜନନୀ ବିଷ୍ଣୁମାତା ମା' ଭଦ୍ରକାଳୀ ସପ୍ତ ମାତୃକା ବେଶର ତୃତୀୟ ଦିନରେ ରାଜ୍ ରାଜେଶ୍ୱରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି ।ମା' ଗୋଲାପୀ ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଛନ୍ତି । ବାଘ ମା'ଙ୍କର ବାହନ ଥିବା ବେଳେ ପାର୍ଶ୍ୱରେ ଗଜରାଜ ଦଣ୍ଡାୟମାନ । ମା'ଙ୍କର ମୁଖ ମଣ୍ଡଳ ପଦ୍ମ ବର୍ଣ୍ଣ ଥିଲା । ହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ମା' ଦଣ୍ଡାୟମାନ । ମା'ଙ୍କର ଏହି ରାଜରାଜେଶ୍ୱରୀ ବେଶକୁ ଦର୍ଶନ କଲେ ଭକ୍ତର ସମସ୍ତ କାର୍ଯ୍ୟ ସିଦ୍ଧି ହୋଇଥାଏ ଏବଂ ଯଶ ଓ ଐଶ୍ୱର୍ଯ୍ୟ ଲାଭ ହୁଏ ବୋଲି ବିଶ୍ୱାସ କରାଯାଏ । ତେବେ ଚଳିତ ବର୍ଷ କୋବିଡ଼ ପାଇଁ ଦର୍ଶନ ବନ୍ଦ ରହିଥିବାରୁ ବହୁ ଭକ୍ତ ମା'ଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି । ପୀଠରେ ବିଶ୍ୱଶାନ୍ତି ଯଜ୍ଞର ଆଜି ତୃତୀୟ ଦିନରେ ବେଦ ପଠନ, ସପ୍ତଶତି ଚଣ୍ଡୀପାଠ, ଗୀତାଯଜ୍ଞ, ନାମ ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା । ସେହିପରି ଆସନ୍ତାକାଲି ଚତୁର୍ଥ ଦିବସରେ ମା' ସିଂହବାହିନୀ ବେଶରେ ଦର୍ଶନ ଦେବେ ।

ବ୍ଲକରେ ଭିଆର୍‌ପିମାନେ ଅବହେଳିତ: କେନ୍ଦ୍ରମନ୍ତ୍ରୀଙ୍କୁ ୭ଦଫା ଦାବିପତ୍ର

ଜଳେଶ୍ୱର,୧୬।୧୧ (ନି.ପ୍ର): ବ୍ଲକରେ ଅବସ୍ଥାପିତ ଗ୍ରାମୀଣ ସାଧନ ବ୍ୟକ୍ତି (ଭିଆର୍‌ପି)ମାନେ ଦୀର୍ଘବର୍ଷ ଧରି ଅବହେଳିତ ରହିଆସିଥିବାରୁ ଏବଂ ସେମାନଙ୍କୁ ସୁବିଧା ଓ ସୁଯୋଗ ତଥା ସୁରକ୍ଷା ଯୋଗାଇ ଦିଆଯାଉନଥିବାରୁ ଆଜି ଉତ୍ତର ବାଲେଶ୍ୱରର ୪ଟି ବ୍ଲକର ସଂଘ ପକ୍ଷରୁ ଏକ ସ୍ମାରକପତ୍ର ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କୁ ଦିଆଯାଇଛି । ଓଡିଶା ସୋସାଇଟି ଫର୍ ସୋସିଆଲ୍ ଏକାଉଣ୍ଟେବିଲିଟି ଏଣ୍ଡ ଟ୍ରାନ୍ସଫର୍‌ନେସି ଦ୍ୱାରା ସ୍ୱୟାଂସାହାୟକ ଗୋଷ୍ଠୀରୁ ଯୋଗ୍ୟତାକ୍ରମେ ସରକାରଙ୍କ ନିତୀ ଅନୁଯାୟୀ ଗ୍ରାମୀଣ ସାଧନ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଯେଉଁସବୁ କାର୍ଯ୍ୟ ହେଉଛି, ତାର ସୁନିୟନ୍ତ୍ରଣପାଇଁ ପ୍ରତି ୬ମାସରେ ହୋଇଥିବା ବିଭିନ୍ନ କାର୍ଯ୍ୟର ତଦାରଖ, ଗ୍ରାମସଭା ମାଧ୍ୟମରେ ଲୋକଙ୍କ ସୁବିଧା ଅସୁବିଧାର ସୁନିୟନ୍ତ୍ରଣ ଓ ସମୀକ୍ଷା କରାଯାଇ ପରବର୍ତ୍ତୀ ସମୟରେ ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଆଲୋଚନା ହୋଇ ସିଦ୍ଧାନ୍ତ ଅନୁଯାୟୀ ଜିଲା ପ୍ରଶାସନକୁ ଜଣାଇବା ଭିଆର୍‌ପି ମାନଙ୍କୁ କାର୍ଯ୍ୟ । କିନ୍ତୁ ବାସ୍ତବରେ ରାଜନୈତିକ ଦୁରାଭିସନ୍ଧିଯୋଗୁଁ ଏହାର ସ୍ୱଚ୍ଛାତ ଆସିପାରୁନାହିଁ । ପୁଣି ନିଯୁକ୍ତି ପରଠାରୁ ଅଦ୍ୟାବଧି ସେମାନଙ୍କୁ ପରିଚୟପତ୍ର ଓ ୟୁନିଫର୍ମ ଯୋଗାଇ ଦିଆଯାଉନାହିଁ । ବାରମାସ ପର୍ଯ୍ୟନ୍ତ ସେମାନଙ୍କୁ କାର୍ଯ୍ୟରେ ନିଯୁକ୍ତି ଯୋଗାଇ ଦିଆଯିବା, ଏକାଉଣ୍ଟକୁ ପାରିଶ୍ରମିକ ସିଧାସଳଖ ଆସିବା, ପଂଚାୟତ ସ୍ତରରେ କାର୍ଯ୍ୟବେଳେ ଆବଶ୍ୟକ ନଥିପତ୍ର ଯୋଗାଇବା, ନିରାପତ୍ତାଲାଗି ବୀମା ଯୋଗାଇବା ଇତ୍ୟାଦି ଦାବି ନେଇ ଆଜି ସଂଘ ପକ୍ଷରୁ ଏଠାରେ କେନ୍ଦ୍ର ମନ୍ତ୍ରୀରଙ୍କୁ ଏକ ଦାବୀପତ୍ର ଦିଆଯାଇଛି । ଜଳେଶ୍ୱର, ବାଲିଆପାଳ, ଭୋଗରାଇ, ବସ୍ତା ୪ଟି ବ୍ଲକ ର ନେତୃସ୍ଥାନୀୟ ଭିଆରପି ରେଣୁବାଳା ଭୂୟାଁ, କବିତା ଦଳେଇ, ସସ୍ମିତା ବାରିକ, ଲକ୍ଷ୍ମୀପ୍ରିୟା ଦାସ, ମିନର୍ଭା ମହାନ୍ତି, କଂଚନଲାତା ବେହେରା, ଅପର୍ଣ୍ଣା ଦାସ, ପ୍ରତିମା ଦାସ, ଗିତାଞ୍ଜଳି ନାୟକ, ସୁଭସ୍ମିତା ପଣ୍ଡା ପ୍ରମୁଖ ଏହି ଦାବିପତ୍ର କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

ସୀମାରେ ଆନ୍ଧ୍ରର ଦାଦାଗିରିକୁ ଉତ୍କଳ ସମ୍ମିଳନୀର ନିନ୍ଦା

ଭୁବନେଶ୍ୱର,୧୬।୧୧ (ନି.ପ୍ର): ଓଡ଼ିଶାର ସରଳତା ଓ ନୀରବତାକୁ ଆନ୍ଧ୍ର ପ୍ରଦେଶ ସରକାର ତଥା ଆନ୍ଧ୍ର ନେତା ମାନେ ଯଦି ଦୁର୍ବଳ ବୋଲି ଭାବୁ ଥାଆନ୍ତି ତେବେ ଏହା ସେମାନଙ୍କର ଇତିହାସରେ ଅଜ୍ଞାନ ଓ ଦୂରଦୃଷ୍ଟିର ଅଭାବ ବୋଲି ବୁଝିବାକୁ ହେବ । ଆନ୍ଧ୍ରପ୍ରଦେଶ ସହିତ ଓଡ଼ିଶାର ସୀମା ବିବାଦ ବହୁ ପୁରୁଣା । ସେମାନେ ବହୁବାର ଓଡ଼ିଶାର ଜମି ଉପରେ ଲୋଲୁପ ଦୃଷ୍ଟି ପକାଇ ଅସଫଳ ହୋଇଛନ୍ତି । ଆନ୍ଧ୍ର ପ୍ରଶାସନ ଓ ରାଜନ